ODIA DAILY EDITION
01.05.2025
କଟକ, ଗୁରୁବାର
ପୃଷ୍ଠା-୪ + ୪, ମୂଲ୍ୟ-₹ ୨ .00
ମଇ-୦୧, ୨୦୨୫
ବର୍ଷ-୩୬, ସଂଖ୍ୟା-୨୯୩
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

### ଅଭିନନ୍ଦନ

ଶ୍ରମିକ ଦିବସ ଅବସରରେ 'ମାତୃଭାଷା'ର ସମସ୍ତ ପାଠକ ପାଠିକା, ଲେଖକ ଲେଖିକା, ବିଜ୍ଞାପନଦାତା, ସାମ୍ବାଦିକ ଓ ବିତରକଙ୍କ ସମେତ ରାଜ୍ୟର ସମସ୍ତ ଶ୍ରମଜୀବୀ ଭାଇଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଟାଣଖରାରେ ସତର୍କତା ଅବଲମ୍ବନ ପୂର୍ବକ କାର୍ଯ୍ୟ କରିବାକୁ ଅନୁରୋଧ କରୁଛି ।

-ସମ୍ପାଦିକା

### 'ମାତୃଭାଷା'ର ଛୁଟି

ମଇଦିବସ ଅବସରରେ 'ମାତୃଭାଷା' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ତା ୦୨.୦୫.୨୦୨୫ରିଖ ସଂସ୍କରଣ ପ୍ରକାଶ ପାଇବନାହିଁ ।

-ପରିଚାଳକ

# ଦିଲ୍ଲୀରେ ରଣନୀତି ପାକ୍ ଥରହର

**ନୂଆଦିଲ୍ଲୀ, ୩୦।୪:** ପାକିସ୍ତାନକୁ ଘାରିଛି ଭାରତ ଭୟ । ଡରରେ କମ୍ପୁଛି ପାକିସ୍ତାନ । ପହଲଗାମ ପ୍ରତିଶୋଧ ପାଇଁ ସେନାକୁ ପ୍ରଧାନମନ୍ତ୍ରୀ ମୋଦୀ ପୂର୍ଣ୍ଣ ସାଧୀନତା ଦେବା ପରେ ଏବେ ପ୍ରତି ମୁହୂର୍ତ୍ତରେ ଡରୁଛି ପାକିସ୍ତାନ ଆଉ ଛାନିଆ ହେଲେଣି ପାକ୍ ସେନା ମୁଖ୍ୟ ଆସିମ ମୁନିର । କୁହାଯାଉଛି କି ଭାରତର ବଡ ଆକ୍ମନ ଭୟରେ ତାଙ୍କୁ ରାତିରେ ବି ନିଦ ହେଉନି । କାଳେ ଭାରତ ରାତି ଅଧରେ ଆକାଶ ମାର୍ଗରୁ ଆକ୍ରମଣ କରିଦେବ କି ? ସୀମାରେ କିଛି ବଡ ପ୍ରତି ଆକ୍ରମଣ କରିଦେବ କି ? କାରଣ ପହଲଗାମ୍ ବଦଲା ନେବାକୁ ସୁଯୋଗ ଅପେକ୍ଷାରେ ଥିବା ଭାରତ ବିରାଟ ପ୍ରସ୍ତୁତି କରୁଛି । ତେଣୁ ଦିଲ୍ଲୀରେ ଟିକେ ହଲଚଲ ହେଲେ ଇସଲାମାବାଦରେ ଥରହର ଦେଖିବାକୁ ମିଳୁଛି ।

ଭାରତର ଯୁଦ୍ଧ ଭୟ ଆଉ ଆକ୍ରମଣ ଡରରେ ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନିର ତାଙ୍କ ପରିବାରକୁ ଦୁଇ ତିନି ଦିନ ତଳେ ପାକିସ୍ତାନ ବାହାରକୁ ପଠାଇ ଦେଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ଆମେରିକା ଏବଂ ଲଣ୍ଡନ ପଠାଇଥିବା ସୂଚନା ମିଳିଥିବା ବେଳେ ଖୋଦ୍ ସେନା ମୁଖ୍ୟ ଆସିମ ମୁନିର ବଙ୍କର ଭିତରେ ଲୁଚିଥିବା କୁହାଯାଉଛି ।

ତେବେ ଭାରତ ଆକ୍ରମଣ ପାଇଁ ବଡ଼ ଯୋଜନା କରୁଥିବା ବେଳେ ଭୟରେ ଥରୁଛି ପାକିସ୍ତାନ । ଶୋଇପାରୁନାହାନ୍ତି ପାକିସ୍ତାନର ମନ୍ତ୍ରୀ । ବିଳମ୍ବିତ ରାତିରେ ପାକିସ୍ତାନ ସୂଚନା ମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ସୂଚନା ମନ୍ତ୍ରୀ ଅତାଉଲ୍ଲାହ ତରାର ରାତି ପାଖାପାଖି ସାଢେ ୧ଟା ବେଳେ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏଥିରେ ସେ କହିଛନ୍ତି ଭାରତୀୟ ସେନା ୨୪ରୁ ୩୬ ଘଣ୍ଟା ମଧ୍ୟରେ ଆକ୍ରମଣ କରିପାରେ । ବିଶ୍ୱସନୀୟ ଗୁଇନ୍ଦା ସୂତ୍ରରୁ ତାଙ୍କୁ ସୂଚନା ମିଳିଥିବା ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆତଙ୍କବାଦୀଙ୍କ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ପାଇଁ ମୋଦୀ ସାଧୀନତା ଦେବା ପରେ ପାକିସ୍ତାନରେ ଭୟ ବଢ଼ି ଯାଇଛି ।

ଏପଟେ ପହଲଗାମ ଆକ୍ରମଣରେ ପ୍ରତିଶୋଧ ପାଇଁ ସେନାକୁ ପୂର୍ଣ୍ଣ ସାଧୀନତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ।

**• ବସିଲା ସୁପର କ୍ୟାବିନେଟ୍ ବୈଠକ**

**• ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସ୍ଥଳସେନା ମୁଖ୍ୟ**



### ଆଲୋକ ଯୋଶୀ ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୩୦।୪:** ପୁନର୍ଗଠନ ହେଲା ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ । ପୂର୍ବତନ ର ଚିଫ୍ ଆଲୋକ ଯୋଶୀ ହେଲେ ଅକ୍ଷ୍ୟକ୍ଷ । ଏହି ବୋର୍ଡରେ ଅନୁଭବୀ ସୈନ୍ୟ ଓ ସୁରକ୍ଷା ଅଧିକାରୀ ସାମିଲ ଅଛନ୍ତି । ସାତ ସଦସ୍ୟ ବିଶିଷ୍ଟ ବୋର୍ଡରେ ସେନା, ବାୟୁ ସେନା, ନୌସେନା, ପୋଲିସ, ପୂର୍ବତନ ବିଦେଶ ସେବା ଅଧିକାରୀ ଆଦି ସାମିଲ ରହିଛନ୍ତି ।

# ରଥକାଠ ଅନୁକୂଳ



**ପୁରୀ, ୩୦।୪:** ବୈଶାଖ ମାସ ଶୁକ୍ଲପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥକାଠ ଶ୍ରୀନଅର ସମ୍ମୁଖ ଅନୁକୂଳ ହୋଇଛି । ତିନୋଟି ୧୨ ଫୁଟିଆ ଧଉରା କାଠକୁ ପୂଜାର୍ଚ୍ଚନାର ପରେ ସ୍ୱର୍ଣ୍ଣ କୁରାଢୀରେ ସ୍ୱର୍ଶ ଦିଆଯାଇଥିଲା । ରାଜ ପୁରୋହିତ ଓ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ମା ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇ ତିନୋଟି ରଥକାଠକୁ ବନ୍ଦାପନା ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରୀଜୀଉଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ବିଶ୍ୱକର୍ମା ମହାରଣା ମାନେ ରଥ ନିର୍ମାଣ ପାଇଁ ରଥକାଠ ଅନୁକୂଳ କରିଥିଲେ । ଦୁଇଜଣ ଦେଉଳ ପୁରୋହିତ, ୧୧ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ବନଯାଗ ନୀତିରେ ଚାଳିଘରେ ହୋମ କରାଯାଇଥିଲା । ପୂଜାପଣ୍ଡା ଆଜ୍ଞାମାଳ ପ୍ରଦାନ ପରେ ସ୍ୱର୍ଣ୍ଣ କୁରାଢୀରେ ରଥକାଠ ଅନୁକୂଳ ହୋଇଥିଲା ।

### ଚନ୍ଦନ ଯାତ୍ରା ଆରମ୍ଭ

ଅକ୍ଷୟ ତୃତୀୟା ପର୍ବରେ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଶୁଭାରମ୍ଭ ହୋଇଛି । ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଦିନ ଚାପ ଓ ରାତି ଚାପ ଅନୁଷ୍ଠିତ ହେବ । ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ଓ ଆଜ୍ଞାମାଳ ପାଇବା ପରେ ମଣିବିମାନ ଓ ପାଲିଙ୍କିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବିଜେ କରିଥିଲେ ।

### ୨ ସାଙ୍ଗଙ୍କୁ ଚାପିଦେଲା ଟ୍ରକ

**ବାଲେଶ୍ୱର, ୩୦।୪:** ବାଲେଶ୍ୱର ଜିଲ୍ଲା ଗୋପାଳ ପୁର ଥାନା ତାଳକୁରୁଣିଆ ପଂଚାୟତ ତାଳକୁରୁଣିଆ ଗାଁରେ ଟ୍ରାକ୍ଟର ଚକା ତଳେ ଚାପି ହୋଇ ଦୁଇ ସାଙ୍ଗଙ୍କ ଜୀବନ ଚାଲିଯାଇଛି । ବୁଧବାର ସନ୍ଧ୍ୟାରେ ଗୋପାଳପୁର ଥାନା ତାଳକୁରୁଣିଆ ଗାଁର ଶାସିକାନ୍ତ ମଳିକଙ୍କ ପୁଅ ସତ୍ୟଜିତ ମଳିକ (୨୦) ଓ ଦିଳୀପ ପାଣିଗ୍ରାହୀଙ୍କ ପୁଅ ଦିନେଶ ପାଣିଗ୍ରାହୀ (୧୮) ବିଲକୁ ଧାନ ଆଣିବାକୁ ଏକ ଟ୍ରାକ୍ଟରରେ ବସି ଯାଉଥିଲେ । ଟ୍ରାକ୍ଟରଟି ରାସ୍ତାରୁ ବିଲକୁ ଓହ୍ଲାଇବା ବେଳେ ଓଲଟି ପଡିଥିଲା ।

### ବଜ୍ରପାତରେ ୨ ମୃତ

**ପଦ୍ମପୁର ୩୦।୪:** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଲାଖମରା ଗାଁର ମମତା ମେହେର ଓ ଆଶିଷ ମେହେର ଚାଷ କାମ ପାଇଁ ବିଲକୁ ଯାଇଥିଲେ । ଚାଷ ଜମିରେ ପାଣି ମଡ଼ାଇବା ବେଳେ ବର୍ଷା ଓ ଘଡଘଡି ସହିତ ବିଜୁଳି ହୋଇଥିଲା । ଫଳରେ ଉଭୟଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା ।

### କୋଲକାତାର ହୋଟେଲ୍‌ରେ ନିଆଁ

# ୪ ଓଡ଼ିଆଙ୍କ ସହ ୧୪ ମୃତ

**କୋଲକାତା, ୩୦।୪:** ମହାନଗରର ମେଛୁଆ ବଜାର ସ୍ଥିତ ହୋଟେଲ ଋତୁରାଜରେ ମଙ୍ଗଳବାର ରାତିରେ ନିଆଁ ଲାଗିବା କାରଣରୁ ୪ ଜଣ ଓଡ଼ିଆଙ୍କ ସମେତ ୧୪ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏହି ସମୟରେ ୭ଜଣ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ସୂଚନା ମିଳିବା ମାତ୍ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଫୋନ ଜରିଆରେ ଅଘଟଣ ସଂପର୍କରେ ପଚାରି ବୁଝିଥିଲେ । ସେ କୋଲକାତା ପୋଲିସ କମିଶନର ଓ ମେୟରଙ୍କୁ ପୀଡିତଙ୍କ ସହାୟତା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିଆଁରେ ପୋଡି ହୋଇଥିବା ଲୋକଙ୍କୁ କୋଲକାତା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ସାଢେ ୮ଟା ବେଳେ ହୋଟେଲ ଋତୁରାଜରେ ନିଆଁ ଉଠୁଥିବାର ଦେଖାଯାଇଥିଲା ।



ଏହାପରେ ଦମକଳ ବିଭାଗକୁ ସୂଚିତ କରାଯାଇଛି । ଦମକଳ ବିଭାଗର ପ୍ରାୟ ୧୦ଟି ଗାଡି ପହଂଚିଥିଲା । ଏହା ବହୁତ ପୁରୁଣା ହୋଟେଲ ଅଟେ । ହୋଟେଲର ପ୍ରଥମ ମହଲାରେ ଏକ ଗୋଦାମ ଓ ଦ୍ୱିତୀୟ ମହାଲାରେ ଏକ ରେସ୍ତୁରାଁ ଅଛି । ତୃତୀୟରୁ ଷଷ୍ଠ ମହଲାରେ ଘର ଓ କର୍ମଚାରୀଙ୍କ କ୍ୱାର୍ଟର ରହିଛି ।

### ଜାତିଗତ ଜନଗଣନାକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ, ୩୦।୪:** କେନ୍ଦ୍ର ସରକାର ଆଗାମୀ ଜନଗଣନାରେ ଜାତି ଜନଗଣନାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜନୈତିକ ବ୍ୟାପାର କ୍ୟାବିନେଟ କମିଟି ଆଜି ଏହାକୁ ଅନୁମୋଦନ କରିଛି । ବୁଧବାର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସରକାର ସାମାଜିକ ସନ୍ତୁଳନ, ସ୍ୱଚ୍ଛତା ଏବଂ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି । ସେ ସ୍ପଷ୍ଟ କରିଥିଲେ ଯେ, ସମ୍ବିଧାନର ଧାରା ୨୪୬ର ୟୁନିୟନ ତାଲିକାର କ୍ରମିକ ସଂଖ୍ୟା ୬୯ ଅଧିନରେ ଜନଗଣନା ଏକ କେନ୍ଦ୍ରୀୟ ବିଷୟ । ତଥାପି ଅନେକ ରାଜ୍ୟ ଜାତିଗତ ଜନଗଣନା କରିଛନ୍ତି ।

# ୫୧ ଚାଷୀ ପାଇଲେ ସିଏମ୍ କିଷାନ ସହାୟତା

## ୫ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଯିବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୪:** ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା -ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି ।

### ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ



ଏହି ଅବସରରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ । ଏଥିରେ ସହରାଂଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି । ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ସାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ । କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ୍ୟ କରୁଛି । ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର । ୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି । ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନୀଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି ।

DADLS-19



### ମଇ ଦିବସ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)

### ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/13/0622/2526
MBA/25-26/0061

ମାତୃଭାଷା

# ନଗର ଖବର



## ଓଡିଶା ସମେତ ୧୯ଟି ରାଜ୍ୟର ଏକଲବ୍ୟ ବିଦ୍ୟାଳୟରେ ୭୫ଟି ମହାକାଶ ପ୍ରୟୋଗଶାଳା

ଭୁବନେଶ୍ୱର (ପିଆଇବି) : ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ୍) ଦେଶର ୧୯ଟି ରାଜ୍ୟରେ ୭୫ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମଆରଏସ୍) ରେ ମହାକାଶ ପ୍ରୟୋଗଶାଳା ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ଏଥିରେ ଓଡିଶାର କିଛି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମଧ୍ୟ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ରାଜ୍ୟର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଭାରତର ବୈଜ୍ଞାନିକ ପ୍ରଗତିରେ ମୁଖ୍ୟଧାରାରେ ସାମିଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ସମାଜର ସମସ୍ତ ବର୍ଗ ପାଇଁ ସମାନ ଏବଂ ସମାବେଶୀ ଶିକ୍ଷା ସୁଯୋଗ ସୃଷ୍ଟି କରିବା ଲାଗି ଏନଇପି ୨୦୨୦ ଢାଞ୍ଚା ଅଧୀନରେ ସରକାରଙ୍କ ବ୍ୟାପକ ପ୍ରୟାସକୁ ପ୍ରତିଫଳିତ କରେ। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଅନୁସୂଚିତ ଜନଜାତି ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଇଏମଆରଏସ୍ ପ୍ରତିଷ୍ଠା କରୁଛି ଯାହାଦ୍ୱାରା ସେମାନେ ଉଚ୍ଚ ଶିକ୍ଷା ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ସୁଯୋଗ ପାଇପାରିବେ ଏବଂ ବିଭିନ୍ନ କ୍ଷେତ୍ରରେ ଲାଭଦାୟକ ନିଯୁକ୍ତି ପାଇପାରିବେ। ଉଚ୍ଚମାନର ଶିକ୍ଷା ପ୍ରଦାନ କରିବା ସହିତ, ଇଏମଆରଏସ୍ ସେମାନଙ୍କର ପୁଷ୍ଟି ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ବିକାଶର ମଧ୍ୟ ଯତ୍ନ ନିଏ। ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୪୭୦ଟି କାର୍ଯ୍ୟକ୍ଷମ ଇଏମଆରଏସ୍ ଅଛି। ବିପିସିଏଲ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପ ଅଧୀନରେ ମହାକାଶ ପ୍ରୟୋଗଶାଳା ସ୍ଥାପନ ପାଇଁ ପ୍ରାୟ ୧୨ କୋଟି ଟଙ୍କା ମଞ୍ଜୁର କରିଛି। ଏହି ପଦକ୍ଷେପ ମାଧ୍ୟମରେ, ମନ୍ତ୍ରଣାଳୟ ଶିକ୍ଷାଗତ ବ୍ୟବଧାନକୁ ପୂରଣ କରିବାକୁ ଏବଂ ମହାକାଶ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟେମ୍) କ୍ଷେତ୍ରରେ ଆଦିବାସୀ ଯୁବକମାନଙ୍କ ପାଇଁ ନୂତନ ରାସ୍ତା ଖୋଲିବାକୁ ଚେଷ୍ଟା କରୁଛି। ଯୁବ ବୟସରେ ମହାକାଶ ବିଜ୍ଞାନ ସମ୍ପର୍କରେ ସୂଚନା ପ୍ରଦାନ କରି, ମନ୍ତ୍ରଣାଳୟ ଆଦିବାସୀ ସମ୍ପ୍ରଦାୟର ଭବିଷ୍ୟତର ବୈଜ୍ଞାନିକ, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୂଳଦୁଆ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି।

## ୪୬ତମ ପ୍ରଗତି ଆଲୋଚନାରେ ଅଧ୍ୟକ୍ଷତା କରିଛନ୍ତି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନେଇ ସକ୍ରିୟ ଶାସନ ଏବଂ ସମୟୋପଯୋଗୀ କାର୍ଯ୍ୟକାରିତା ପାଇଁ ଆଇସିଟି ଆଧାରିତ ମଲ୍ଟି-ମୋଡାଲ୍ ପ୍ଲାଟଫର୍ମ ପ୍ରଗତିର ୪୬ତମ ସଂସ୍କରଣର ଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା, ଯେଉଁଥିରେ ୩ଟି ସଡ଼କ ପ୍ରକଳ୍ପ, ରେଳପଥର ୨ଟି ଲେଖାଏଁ ପ୍ରକଳ୍ପ ଏବଂ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ଅନ୍ତର୍ଭୁକ୍ତ ଥିଲା। ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ଏହି ପ୍ରକଳ୍ପଗୁଡ଼ିକର ମିଳିତ ମୂଲ୍ୟ ପ୍ରାୟ ୯୦,୦୦୦ କୋଟି ଟଙ୍କା। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (ପିଏମଏମଭିୱାଇ) ସମ୍ବନ୍ଧୀୟ ଅଭିଯୋଗ ସମାଧାନର ସମୀକ୍ଷା କରିବା ସମୟରେ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଯେ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ବାୟୋମେଟ୍ରିକ ଆଧାରିତ ଆଧାର ପ୍ରମାଣୀକରଣ କିମ୍ବା ଯାଞ୍ଚ ମାଧ୍ୟମରେ ହିତାଧିକାରୀଙ୍କ ପରିଚୟ କଡ଼ାକଡ଼ି ଭାବେ କରିବା ସୁନିଶ୍ଚିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ଅତିରିକ୍ତ କାର୍ଯ୍ୟକ୍ରମ, ବିଶେଷକରି ଶିଶୁ ଯତ୍ନକୁ ପ୍ରୋତ୍ସାହିତ କରିବା, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଅଭ୍ୟାସରେ ଉନ୍ନତି ଆଣିବା, ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ମା' ଏବଂ ନବଜାତ ଶିଶୁର ସାମଗ୍ରିକ କଲ୍ୟାଣରେ ଯୋଗଦାନ କରୁଥିବା ଅନ୍ୟାନ୍ୟ ଆନୁସଙ୍ଗିକ ଦିଗଗୁଡ଼ିକର ସମାଧାନ କରିବାର ସମ୍ଭାବନା ଅନୁସନ୍ଧାନ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏକ ରିଙ୍ଗରୋଡର ବିକାଶ ସମ୍ବନ୍ଧୀୟ ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା ସମୟରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ରିଙ୍ଗରୋଡର ବିକାଶକୁ ବ୍ୟାପକ ସହରୀ ଯୋଜନା ପ୍ରୟାସର ଏକ ପ୍ରମୁଖ ଉପାଦାନ ଭାବରେ ସମନ୍ୱିତ କରାଯିବା ଉଚିତ୍। ଆଗାମୀ ୨୫ରୁ ୩୦ ବର୍ଷ ମଧ୍ୟରେ ସହରର ଅଭିବୃଦ୍ଧି ଧାରା ସହିତ ଏହା ଯେପରି ସମନ୍ୱିତ ଓ ସହାୟକ ହେବ ତାହା ସୁନିଶ୍ଚିତ କରିବା ପାଇଁ ବିକାଶକୁ ସାମଗ୍ରିକ ଭାବରେ ଆଗେଇ ନେବା ଆବଶ୍ୟକ। ବିଶେଷ କରି ରିଙ୍ଗରୋଡ୍ର ଦୀର୍ଘକାଳୀନ ସାମର୍ଥ୍ୟ ଏବଂ ଦକ୍ଷ ପରିଚାଳନା ପରିପ୍ରେକ୍ଷୀରେ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରୁଥିବା ମଡେଲ ଉପରେ ବିଶେଷ ଧ୍ୟାନ ଦେଇ ବିଭିନ୍ନ ଯୋଜନା ମଡେଲ୍ ଅଧ୍ୟୟନ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସାର୍ବଜନୀନ ପରିବହନ ପାଇଁ ଏକ ପରିପୂରକ ଏବଂ ସ୍ଥାୟୀ ବିକଳ୍ପ ଭାବରେ ସହରର ପରିବହନ ଭିତ୍ତିଭୂମି ମଧ୍ୟରେ ଏକ ସର୍କୁଲାର ରେଳ ନେଟୱାର୍କକୁ ଏକୀକୃତ କରିବାର ସମ୍ଭାବନା ଅନୁସନ୍ଧାନ କରିବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ଜଳମାର୍ଗ ବିକାଶ ପ୍ରକଳ୍ପର ସମୀକ୍ଷା ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ କ୍ରୁଜ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ରାସ୍ତାରେ ଏକ ଦୃଢ଼ ଗୋଷ୍ଠୀ ସଂଯୋଗ ସ୍ଥାପନ ପାଇଁ ପ୍ରୟାସ କରାଯିବା ଉଚିତ। ବିଶେଷକରି ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ (ଓଡିଓପି) ପଦକ୍ଷେପ ଏବଂ ଅନ୍ୟାନ୍ୟ ସ୍ଥାନୀୟ ହସ୍ତଶିଳ୍ପ ସହିତ ଜଡ଼ିତ କାରିଗର ଓ ଉଦ୍ୟୋଗୀମାନଙ୍କ ପାଇଁ ବ୍ୟବସାୟବିକାଶର ସୁଯୋଗ ସୃଷ୍ଟି କରି ଏହା ଏକ ଜୀବନ୍ତ ସ୍ଥାନୀୟ ପରିବେଶକୁ ପ୍ରୋତ୍ସାହିତ କରିବ। ଜଳପଥ ସଂଲଗ୍ନ ଅଞ୍ଚଳରେ କେବଳ ଗୋଷ୍ଠୀ ସଂପୃକ୍ତି ବୃଦ୍ଧି କରିବା ନୁହେଁ ବରଂ ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଜୀବିକା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଆଭିମୁଖ୍ୟ ଉଦ୍ଦିଷ୍ଟ। ଏଭଳି ଆଭ୍ୟନ୍ତରୀଣ ଜଳପଥ ପର୍ଯ୍ୟଟନ ପାଇଁ ମଧ୍ୟ ଚାଳକ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ସାମଗ୍ରିକ ଏବଂ ଆଗଧାଡ଼ିର ଯୋଜନାକୁ ସକ୍ଷମ କରିବା ପାଇଁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଏବଂ ଅନ୍ୟ ସମନ୍ୱିତ ପ୍ଲାଟଫର୍ମ ଭଳି ଉପକରଣର ଉପଯୋଗ କରିବାର ଗୁରୁତ୍ୱକୁ ଦୋହରାଇଥିଲେ। ବିଭିନ୍ନ କ୍ଷେତ୍ରରେ ସମନ୍ୱୟ ହାସଲ କରିବା ଏବଂ ଦକ୍ଷ ଭିତ୍ତିଭୂମି ବିକାଶ ସୁନିଶ୍ଚିତ କରିବା ପାଇଁ ଏଭଳି ଉପକରଣର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ସମସ୍ତ ଅଂଶୀଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ନିଜ ନିଜ ଡାଟାବେସକୁ ନିୟମିତ ଭାବରେ ଅପଡେଟ୍ ଏବଂ ସଠିକ ଭାବରେ ରକ୍ଷଣାବେକ୍ଷଣ କରିବା ସୁନିଶ୍ଚିତ କରନ୍ତୁ, କାରଣ ଅବଗତ ନିଷ୍ପତ୍ତି ନେବା ଏବଂ ପ୍ରଭାବଶାଳୀ ଯୋଜନା ପାଇଁ ବିଶ୍ୱସନୀୟ ଏବଂ ସାମ୍ପ୍ରତିକ ଡାଟା ଜରୁରୀ ଅଟେ।

### ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କଲେ ମନ୍ତ୍ରୀ

## ଅକ୍ଷର ବ୍ରହ୍ମ ପୀଠରେ ବିଜ୍ଞାନ ପ୍ରଚାର ସମିତି ଗୃହ ଉଦଘାଟନ କଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ରାୟଗଡ଼ (ମାନିସ) : ରାୟଗଡ଼ ଜିଲ୍ଲାର ପଦ୍ମପୁର ନିକଟସ୍ଥ ମରିଚଗୁଡା ର ଶବର ସଂପ୍ରଦାୟର ଆରାଧ୍ୟ ଦେବତା ଅକ୍ଷର ବ୍ରହ୍ମ ବା ମାତ ତ୍ ବନ୍ନମ୍ ଙ୍କ ବିଜ୍ଞାନ ପ୍ରଚାର ଆଶ୍ରମ ଓ ଆଦିବାସୀ ପଣ୍ଡିତ ସ୍ୱର୍ଗତ ମାଙ୍ଗୋଇ ଗମାଙ୍ଗଙ୍କ ପ୍ରତିମୂର୍ତ୍ତି, ପ୍ରାର୍ଥନା ଗୃହ, ସଭାଗୃହ, ମନ୍ଦିର ଉନ୍ନତି କରଣର ଉଦଘାଟନି ଅବସରରେ ହଜାର ହଜାର ସଂଖ୍ୟାରେ ଶବର ସଂପ୍ରଦାୟର ଲୋକମାନେ ଆଜି ପୀଠ ରେ ସମାଗମ ହୋଇଛନ୍ତି। ଏହି ଅବସରରେ ଆଜି ଗଣଶିକ୍ଷା ତଥା ଆଦିବାସୀ ହରିଜନ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ। କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳ ମାଧବ ହିକକା, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼ ଗିରିଧର ଗମାଙ୍ଗ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ତ୍ରିନାଥ ଗମାଙ୍ଗ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଦ୍ୱାରା ଓଡ଼ିଶା ସରକାର ଙ୍କ ଦ୍ୱାରା ୩କୋଟି ୯୬ଲକ୍ଷ ଟଙ୍କା ର ନିର୍ମିତ ମତତ୍ ବନ୍ନମ୍ ବିଜ୍ଞାନ ପ୍ରଚାର ଆଶ୍ରମ ଓ ଶବର ପଣ୍ଡିତ ଏମ୍ ପି ମାଙ୍ଗେଇ ଙ୍କ ପ୍ରତିମୂର୍ତ୍ତି ର ଉଦଘାଟନ କରାଯାଇଥିଲା। ଶବର ସମାଜ ତଥା ଅକ୍ଷର ବ୍ରହ୍ମ ମନ୍ଦିର ଉପଦେଷ୍ଟ। ଟିଁ ସିୟାଙ୍ଗ ପ୍ଲାଇ



ଗମାଙ୍ଗ, ସଭାପତି ରାମପ୍ରସାଦ ଗମାଙ୍ଗ, ସଂପାଦକ ଡିଗାସ୍ନି ଗମାଙ୍ଗ ପ୍ରମୁଖ ଆରାଧ୍ୟ ଦେବତା ଅକ୍ଷର ବ୍ରହ୍ମ ଙ୍କ ଅବସ୍ଥାନ ସମଗ୍ର ଦେଶ କ'ଣ ପୃଥିବୀ ରେ ମଧ୍ୟ ବିରଳ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ଓ ଶବର ପଣ୍ଡିତ ଏସ ପି ମାଙ୍ଗେଇ ଗମାଙ୍ଗ ଙ୍କ ସିଦ୍ଧିଲାଭ ଓ ଶବର ଭାଷା ଅକ୍ଷର ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ନିଜ ନୀକତ୍ୱ ମାଧ୍ୟମରେ ଶହୀଦ ଲକ୍ଷ୍ମଣ ନାୟକ, ରବି ସିଂ ଆଦି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ମଳିଆ ଗମଙ୍ଗ, ବାଇରୁ ଗମାଙ୍ଗ, ମଙ୍ଗେଇ ଶବରଙ୍କ ଦ୍ୱାରା ପ୍ରତିଷ୍ଠିତ ଅକ୍ଷର ବ୍ରହ୍ମ ମନ୍ଦିର ଆଜି ଆମ ପାଇଁ ସ୍ମରଣୀୟ ହୋଇ ରହିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ,ପ୍ରକଳ୍ପ ପ୍ରଶାସନ ଅଜୟ କୁମାର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମ ରାଓ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ବ୍ଲକ ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧୀକାରି ବାବୁଲି ନାୟକ, ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ,କେନ୍ଦୁଗୁଡା ଫାଣ୍ଡି ଅଧିକାରୀ ଓ ପୋଲିସ ଆଇନ୍ ଶୃଙ୍ଖଳା ତଦାରଖ କରିଥିଲେ। ଅପରାହ୍ନରେ ମନ୍ତ୍ରୀ ରାମନଗୁଡା ବ୍ଲକ ଅନ୍ତର୍ଗତ କୁଜେନ୍ଦ୍ରୀ ଗ୍ରାମଠାରେ ଅକ୍ଷୟ ତୃତୀୟା, ଆକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଯୋଗଦେଇ କୁଜେନ୍ଦ୍ରୀ ଅଞ୍ଚଳର ଚାଷୀଙ୍କ ସହ ଭାବ ବିନିୟମ କରିଥିଲେ। ରାମନଗୁଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନୂତନ ସ୍ୱାସ୍ଥ୍ୟ ସେବା କେନ୍ଦ୍ର, ନୂତନ ଭାବେ ନିର୍ମିତ ରାମନଗୁଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ରାୟଗଡ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଅତିରିକ୍ତ ତହସିଲଦାର ଗୟା ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଭାସିନୀ ବେହେରା, ଦେବୀ ଶବରଙ୍କୁ ମିଳିଲା ସହାୟତା

## ମୁଖ୍ୟମନ୍ତ୍ରୀ ଦେଲେ ନିଯୁକ୍ତି ପତ୍ର, ୧୦ଲକ୍ଷ ଟଙ୍କା ଲେଖାଏ ସହାୟତା

ଭୁବନେଶ୍ୱର : କଟକର ପ୍ରଭାସିନୀ ବେହେରା ଓ ରାୟଗଡାର ଦେବୀ ଶବର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତି ପତ୍ର ଓ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କର ଭଲମନ୍ଦ ପଚାରି ଥିଲେ ଏବଂ ଅଧୈର୍ଯ୍ୟ ନହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ସରକାର ସେମାନଙ୍କ ସହିତ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ପ୍ରଭାସିନୀଙ୍କ ସ୍ୱାମୀ ଜଗବନ୍ଧୁ ମାହାଲି ହୋମଗାର୍ଡ ଭାବେ କାର୍ଯ୍ୟକରୁଥିଲେ ଏବଂ ଦେବୀଙ୍କ ସ୍ୱାମୀ ଲୋକନାଥ ଶବର ଓ.ଏ.ପି.ଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଉଭୟ କଟକରେ କର୍ତ୍ତବ୍ୟରତ ଥିବା ସମୟରେ ଗତ ୨୨ ତାରିଖ ଦିନ ପି.ସି.ଆର୍ ଭ୍ୟାନ୍ ରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ହୋମଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା ଆଇସିଏସଇ ଓ ଆଇଏସସି ରେଜଲ୍ଟ ; ରେକର୍ଡରେ ପାସ୍ ହାର

ଭୁବନେଶ୍ୱର : ପ୍ରକାଶ ପାଇଲା ଆଇଏସସି, ଆଇସିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ। ଆଇଏସସିରେ ୯୯.୦୯ ପ୍ରତିଶତ ପାସ୍। ଆଇସିଏସଇ ୯୯.୦୨ ପ୍ରତିଶତ ଛାତ୍ରଛାତ୍ରୀ ପାସ ହୋଇଛନ୍ତି। ପୁଣି ଥରେ ପୁଅଙ୍କୁ ପଛରେ ପକାଇ ଆଗରେ ଝିଅ। ଆଇସିଏସଇରେ ଛାତ୍ରୀଙ୍କ ପାସ ହାର ୯୯ ଦଶମିକ ୩୭ ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ପାସ ହାର ୯୮.୮୪ ପ୍ରତିଶତ ରହିଛି। ଆଇଏସସିରେ ଝିଅଙ୍କ ପାସ ହାର ୯୯.୪୫ ପ୍ରତିଶତ ଥିବା ବେଳେ ପୁଅଙ୍କ ପାସ ହାର ୯୮.୬୪ ପ୍ରତିଶତ ରହିଛି। ଆଇସିଏସଇରେ ଛାତ୍ରଛାତ୍ରୀମାନେ ୬୭ ବିଷୟରେ ଲିଖିତ ପରୀକ୍ଷା ଦେଇଥିବା ବେଳେ ଆଇଏସସିରେ ପିଲାମାନେ ୪୭ ବିଷୟରେ ଲିଖିତ ପରୀକ୍ଷା ଦେଇଛନ୍ତି। ମୋଟ ଉପରେ ଅଢେଇ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳାର ୧୦୦ ବର୍ଷ ପୂର୍ତ୍ତି ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ, 'ନାରୀ ଶକ୍ତିର ମହୋତ୍ସବ' ବୋଲି କହିବା ସହିତ ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସପ୍ନ ଦେଖି ତାକୁ ସାକାର କରିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ରଖିବା ଆବଶ୍ୟକ ବୋଲି କହିଛନ୍ତି। ଏହି ଅବସରରେ ସେ କହିଛନ୍ତିଯେ, ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା କେବଳ ଓଡିଶା ନୁହେଁ ବରଂ ସାରା ଭାରତର ମହିଳା ମାନଙ୍କ ପାଇଁ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ପ୍ରଦାନ କରିବ। ଆମେ ନିକଟରେ, ଉତ୍କର୍ଷ ଓଡିଶା-ମେକ ଇନ ଓଡିଶା କନକ୍ଲେଭ, ସୁଭଦ୍ରା ଶକ୍ତି ମେଳା ଆୟୋଜନ କରିଥିଲୁ ଏବଂ ସେଥିରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଆଉ ଆଜି ଆମେ ଏହି ମେଳାରେ ସେହି ବାସ୍ତବିକତାକୁ ଦେଖୁଛୁ। ଅର୍ଥନୀତି କ୍ଷେତ୍ରରେ ମହିଳା ମାନଙ୍କ ଯୋଗଦାନ ରହିଛି ଏବଂ ସୁଭଦ୍ରା ଯୋଜନା ଓ ଲକ୍ଷପତି ଦିଦି ଯୋଜନାର ସଫଳତା ହିଁ ଏହାର ଜ୍ୱଳନ୍ତ ଉଦାହରଣ। ଆମ ସରକାର ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ସଂକଳ୍ପ। ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସପ୍ନ ଦେଖି ତାକୁ ସାକାର କରିବା ଏବଂ ଆତ୍ମବିଶ୍ୱାସର ସହ ନେତୃତ୍ୱ ଦେବା ପାଇଁ ଆଗେଇ ଆସିବା ଅତ୍ୟନ୍ତ ଆନନ୍ଦର ବିଷୟ। ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ସମାଜ ସମୃଦ୍ଧ ହୁଏ ଏବଂ ଅର୍ଥନୀତି ବିକଶିତ ହୁଏ। ଆମ ମା', ଭଉଣୀ ଓ ଝିଅମାନଙ୍କର ସମାନ ଭାଗୀଦାରୀ ବିନା ଓଡ଼ିଶାର ପ୍ରଗତି ଅସମ୍ପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।

## ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଅକ୍ଷୟ ତୃତୀୟା ଦିବସ ପାଳିତ

ନୂଆପଡା (ମାନିସ) : ଜିଲ୍ଲାର ବିଶିଷ୍ଟ ଚାଷୀ ଓ ଶ୍ରମିକ ନେତା, ବିଜେପି ର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ଙ୍କ ନେତୃତ୍ୱ ରେ ସଲଙ୍ଗିପଡ଼ା ଗ୍ରାମ ରେ ଶହ ଶହ ଚାଷୀ ଙ୍କ ଗହଣ ରେ ମହା ସମାରୋହ ରେ ଅକ୍ଷୟ ତୃତୀୟା ଦିବସ ଅବସରରେ ଅଖି ମୁଠି ଅନୁକୂଳ କରାଯାଇଛି। ଚାଷୀ ମାନେ ନିଜ ଘରେ ପୁଜା ପାଠ ସାରି ବିହନ ବାହାର କରି ସାରିଲା ପରେ ପୂର୍ବ ନିର୍ଦ୍ଧାରିତ ବିଜେପି କିଷାନ ମୋର୍ଚ୍ଚା କାର୍ଯ୍ୟକ୍ରମ ମୁତାବକ ସଲଙ୍ଗିପଡା ଚ ଗ୍ରାମ ରେ ଚାଷୀ ମାନେ ଏକ ଜୁଟ ହୋଇ ସାମୁହିକ ଭାବରେ ପୁଜା ପାଠ କରି ବିହନ ବାହାର କରିବା ପାଇଁ ଉପସ୍ଥିତ ହୋଇଥିଲେ। ହଳ, ଲଙ୍ଗଳ,ଭୂମି ଓ ବିହନ ପୂଜା କରି ଚାଷୀ ଙ୍କ ତରଫରୁ ଚାଷୀ ନେତା ଶ୍ରୀ ପାଣିଗ୍ରାହୀ ବିହନ ବୁଣି ଥିଲେ। ପରେ ଚାଷୀ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯହିଁ ରେ ନବ ଗଠିତ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଚାଷୀ କଲ୍ୟାଣ ଯୋଜନା ଉପରେ ଚାଷୀ ନେତା ମାନେ



ବକ୍ତବ୍ୟ ରଖିଥିଲେ। ଚାଷୀ ନେତା ଶ୍ରୀ ପାଣିଗ୍ରାହୀ ଧାନ କୁଇଣ୍ଟାଲ ୩୧୦୦, ପ୍ରତ୍ୟେକ ସବ ଡିଭିଜନ ରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ମୁଖ୍ୟମନ୍ତ୍ରୀ କିଷାନ୍ ସମ୍ମାନ ନିଧି ପ୍ରଧାନ ମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନା, କଟନି ମୁକ୍ତ ମଣ୍ଡି,, ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଆୟୁଷ୍ମାନ ଭାରତ ଯୋଜନା, ସୁଭଦ୍ରା ଯୋଜନା, ଚାଷୀ ଙ୍କ ପାଇଁ ଉପଲବ୍ଧ ମଣ୍ଡି ବ୍ୟବସ୍ଥା ଇତ୍ୟାଦି ଯୋଜନା ର ସୁଫଳ ସିଧା ସଳଖ ଚାଷୀ ଙ୍କ ପାଖ ରେ ପହଞ୍ଚିବାଦ୍ୱାରା ଚାଷୀ ସଶକ୍ତ ହେବା ସହିତ ଆୟ ବହୁ ପରିମାଣ ରେ ବଢ଼ିଛି ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିପ୍ର ଶବର, ଇନ୍ଦ୍ରମଣି ପାଣିଗ୍ରାହି, ତାତୁରାମ ମଲ୍ଲିକ, ଇନ୍ଦ୍ରମଣି ପାଣିଗ୍ରାହି, ଚିତ୍ତ ରଂଜନ ପାଢ଼ୀ, ସରପଂଚ ଶ୍ରୀମତୀ ସନ୍ତୋଷିନି ସୁନାନି, ଉଦ୍ଧବ ଶବର, ତରୁଣ ଦସ, ଦଧି ନାଗ, ସନ୍ତୋଷ ଶବର, ସନ୍ତୁ ରାମ ମାଝୀ, ରାହାସ ହଂସ, ଘୋଷ ମହମ୍ମଦ, ପଞ୍ଚୁ ଶବର, ଦୁଲାମଣି ଶବର, ଦୃତୀଆ ଶବର, ସରୋଜ ପଣ୍ଡା, ଭୁବନେଶ୍ୱର ବାଗ, ନିଲ ନାଗ, ଚନ୍ଦ୍ରଭାନୁ ତିୱାରୀ, ଚୌଧୁରୀ ଶବର, କୁମୁଦ ଶବର, ପୂର୍ଣ୍ଣ ହଂସ, ବିରଞ୍ଚି ଶବର, ଘାସିରାମ ସତ୍ ନାମୀ, କରନ୍ ଦାସ, ଭୁଜ ଶବର, ମଧୁ ଶବର, ଗୋଦ୍ରୋ ବରିହା, ଦିଆଲୁ ନାଗ କୌଶଲ୍ୟା ଶବର, ପ୍ରମିଳା ଶବର, ଯଶୋଦା ଶବର, ସାବିତ୍ରୀ ଶବର, ଲକ୍ଷ୍ମଣ ଶବର, ଜଗନ୍ନାଥ ଶବର, ନିଳା ଶବର ପ୍ରମୁଖଙ୍କ ସମେତ ଚାରି ଶହ ରୁ ଉର୍ଦ୍ଧ୍ୱ ଚାଷୀ ଏହି କାର୍ଯ୍ୟ କ୍ରମ ରେ ସାମିଲ ହୋଇଥିଲେ।

## ୧୪ରେ ଓସିଏସ୍ ଅନ୍ଥ୍ରୋପୋଲୋଜି ପରୀକ୍ଷା

### ପୂର୍ବ ପରୀକ୍ଷାରେ ତ୍ରୁଟି ଯୋଗୁଁ ପୁଣି ଥରେ ପରୀକ୍ଷା କରିବ ଓପିଏସସି

ଭୁବନେଶ୍ୱର : ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନ୍ଥ୍ରୋପୋଲୋଜି ପରୀକ୍ଷା ପୁଣି ଥରେ ହେବ। ଏହି ପରୀକ୍ଷା ଆସନ୍ତା ମଇ ୧୪ ତାରିଖରେ କରାଯିବ ବୋଲି ଓପିଏସ୍‌ସି କର୍ତ୍ତୃପକ୍ଷ ତରଫରୁ ବିଜ୍ଞପ୍ତି ଜାରି କରାଯାଇଛି। ଓପିଏସ୍‌ସି ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୧୪ ତାରିଖ ଦିନ ଆନ୍ଥ୍ରୋପୋଲୋଜି ପାଇଁ ୨ଟି ପେପର ହେବ। ପ୍ରଥମ ପେପର ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଦ୍ୱିତୀୟ ପେପର ଅପରାହ୍ନ ୨ଟାରୁ ୫ଟା ଯାଏଁ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ଥିଲା। ମାତ୍ର ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା। ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ନେଇ ପରୀକ୍ଷାର୍ଥୀ ଅଭିଯୋଗ କରିଥିଲେ। ପ୍ରଥମ ସିଟିଂ ପରୀକ୍ଷା ପରେ ପରୀକ୍ଷାର୍ଥୀ ଅସନ୍ତୋଷ ଝାଡ଼ିଥିଲେ। ଏନେଇ ଓପିଏସସି କର୍ତ୍ତୃପକ୍ଷ ନୋଟିସ୍ ଜାରିଆରେ ତ୍ରୁଟି ସ୍ୱୀକାର କରିଥିଲେ।

## ଗ୍ରୀନଫିଲ୍ଡ ହାଇ-ସ୍ପିଡ୍ କରିଡର ହାଇବ୍ରିଡ୍ଆ ନୁଇଟି ମୋଡ୍‌ରେ ବିକଶିତ ହେବ

ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମୋଟ ୨୨୮୬୪ କୋଟି ଟଙ୍କା ପୁଞ୍ଜି ବ୍ୟୟରେ ଆକସେସ୍ ନିୟନ୍ତ୍ରିତ ଗ୍ରୀନଫିଲ୍ଡ ହାଇ-ସ୍ପିଡ୍ କରିଡର ଭାବରେ ମେଘାଳୟର ମାଓଲିଙ୍ଗଖୁଙ୍ଗ (ଶିଲଙ୍ଗ ନିକଟ) ଠାରୁ ଆସାମର ପଞ୍ଚଗ୍ରାମ (ସିଲଚର ନିକଟରେ) ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ଗ୍ରୀନଫିଲ୍ଡ ଆକ୍ସେସ୍ ନିୟନ୍ତ୍ରିତ ୧୬୬.୮୦ କିଲୋମିଟର ଜାତୀୟ ରାଜପଥ ର ବିକାଶ, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପ୍ରସ୍ତାବକୁ ମଞ୍ଜୁର କରିଛି। ପ୍ରକଳ୍ପର ଦୈର୍ଘ୍ୟ ୧୬୬.୮୦ କିଲୋମିଟର ମେଘାଳୟ (୧୪୪.୮୦ କିମି) ଏବଂ ଆସାମ (୨୨.୦୦ କିମି)ରେ ରହିଛି। ପ୍ରସ୍ତାବିତ ଗ୍ରୀନଫିଲ୍ଡ ହାଇସ୍ପିଡ୍ କରିଡର ଗୁଆହାଟୀରୁ ସିଲଚର କୁ ଯାଉଥିବା ଟ୍ରାଫିକ ପାଇଁ ସେବା ସ୍ତରରେ ଉନ୍ନତି ଆଣିବ। ଏହି କରିଡରର ବିକାଶ ଦ୍ୱାରା ତ୍ରିପୁରା, ମିଜୋରାମ, ମଣିପୁର ଏବଂ ଆସାମର ବରାକ ଉପତ୍ୟକା ଅଞ୍ଚଳକୁ ମୁଖ୍ୟ ଭୂମି ଏବଂ ଗୌହାଟୀରୁ ଯୋଗାଯୋଗରେ ଉନ୍ନତି ଆସିବ ଏବଂ ଯାତ୍ରା ଦୂରତା ଏବଂ ଯାତ୍ରା ସମୟ ଯଥେଷ୍ଟ ହ୍ରାସ ପାଇବ। ଏହା ଫଳରେ ଦେଶର ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏହି କରିଡର ଆସାମ ଏବଂ ମେଘାଳୟ ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆଣିବ ଏବଂ ମେଘାଳୟର ସିମେଣ୍ଟ ଏବଂ କୋଇଲା ଉତ୍ପାଦନ ଅଞ୍ଚଳ ଦେଇ ଗତି କରୁଥିବାରୁ ମେଘାଳୟରେ ଶିଳ୍ପର ବିକାଶ ସମେତ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ। ଏହି କରିଡର ଗୁଆହାଟୀ ବିମାନବନ୍ଦର, ଶିଲଙ୍ଗ ବିମାନବନ୍ଦର, ସିଲଚର ବିମାନବନ୍ଦର (ବର୍ତ୍ତମାନର ଜାତୀୟ ରାଜପଥ-୦୬ ମାଧ୍ୟମରେ) ରୁ ଗୁଆହାଟୀରୁ ସିଲଚରକୁ ସଂଯୋଗ କରୁଥିବା ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ସେବା ଯୋଗାଇବ। ଏହା ଦ୍ୱାରା ଉତ୍ତର-ପୂର୍ବାଞ୍ଚଳରେ ପର୍ଯ୍ୟଟନ ଆକର୍ଷଣର ପ୍ରାକୃତିକ ସ୍ଥାନଗୁଡ଼ିକୁ ଯୋଡ଼ିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ। ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ରି ଭୋଇ, ପୂର୍ବ ଖାସି ପାହାଡ଼, ପଶ୍ଚିମ ଜୟନ୍ତିଆ ପାହାଡ଼, ମେଘାଳୟର ପୂର୍ବ ଜୟନ୍ତିଆ ପାହାଡ଼ ଏବଂ ଆସାମର କାଚର ଜିଲ୍ଲା ଦେଇ ଗୁଆହାଟୀ, ଶିଲଙ୍ଗ ଏବଂ ସିଲଚର ମଧ୍ୟରେ ଆନ୍ତଃ-ସହର ଯୋଗାଯୋଗରେ ଉନ୍ନତି ଆଣିବ ଏବଂ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଅନୁଯାୟୀ ବର୍ତ୍ତମାନର ଜାତୀୟ ରାଜପଥ -୦୬ ରେ ଭିଡ଼ ହ୍ରାସ କରିବ ଏବଂ ପରିବହନ ଭିତ୍ତିଭୂମି ବିକାଶକୁ ବୃଦ୍ଧି କରିବ। ଏହି ପ୍ରକଳ୍ପ ଆଲାଇନମେଣ୍ଟ ଜାତୀୟ ରାଜପଥ-୨୭, ଜାତୀୟ ରାଜପଥ-୧୦୬, ଜାତୀୟ ରାଜପଥ-୨୦୬, ଜାତୀୟ ରାଜପଥ-୩୭ ସମେତ ପ୍ରମୁଖ ପରିବହନ କରିଡର ସହିତ ସମନ୍ୱିତ ହୋଇ ଗୌହାଟୀ, ଶିଲଙ୍ଗ, ସିଲଚର, ଡିଙ୍ଗପାସୋହ, ଉମ୍ଲୁଲଙ୍ଗ, ଫ୍ରାମେର, ଖଲିୟରିଆଟ, ରାତାଚେରା, ଉମକିଆଙ୍ଗ, କାଲାଇନ କୁ ନିରବଚ୍ଛିନ୍ନ ଯୋଗାଯୋଗ ପ୍ରଦାନ କରିବ। ଏହା ସମ୍ପୂର୍ଣ୍ଣ ହେବା ପରେ ଶିଲଙ୍ଗ-ସିଲଚର କରିଡର ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଗୌହାଟୀ, ଶିଲଙ୍ଗ, ସିଲଚର, ଇମ୍ଫାଲ, ଆଇଜୋଲ ଏବଂ ଅଗରତାଲା ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆଣିବ। ମେଘାଳୟ, ଆସାମ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ନିଯୁକ୍ତି ସୃଷ୍ଟି କରିବା ସହିତ ଭିତ୍ତିଭୂମି ବୃଦ୍ଧି ଏବଂ ସାମାଜିକ- ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ସରକାରଙ୍କ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ସହିତ ଏହି ପ୍ରକଳ୍ପ ସମନ୍ୱିତ।

## ନୂଆପଡାରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳିତ

ନୂଆପଡା (ମାନିସ) : ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ସ୍ଥାନୀୟ ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ କୃଷକ ଦିବସ ସମାରୋହରେ ମାନ୍ୟବର ବିଧାୟକ ନୂଆପଡା ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ସାଂସଦଙ୍କ ପ୍ରତିନିଧି କମଳେଶ ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ବେଉରାଙ୍କ ପାରମ୍ପରିକ ପୂଜାର୍ଚ୍ଚନା ପରେ ଜିଲ୍ଲାପାଳ ଅକ୍ଷୀମୁଠି ଅନୁକୂଳ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ଆସିଥିବା ଶତାଧିକ କୃଷକ ମାନଙ୍କୁ ସମ୍ବୋଧିତ କରି ଅତିଥିମାନେ ଦିବସର ମହତ୍ତ୍ୱ ସହ ସମାଜରେ କୃଷକ ମାନଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ କହିଲେଯେ ଆଜିର ଅକ୍ଷୀ ମୁଠି



ଅନୁକୂଳରୁ ଚାଷୀ ଚାଷ ପାଇଁ ସଜବାଜ ହୁଏ। ଆଜି ଯେଉଁ କାମ ଆରମ୍ଭ ହୁଏ ତାହା ଶତ ପ୍ରତିଶତ ସଫଳ ହୋଇଥାଏ। ଚଳିତ ଖରିଫ ଋତୁରେ କୃଷି ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ କୃଷି ପ୍ରଧାନ ନୂଆପଡା ଜିଲ୍ଲାରେ ଧାନ ସହ ଅଧିକରୁ ଅଧିକ ଅର୍ଥନୈତିକ ଚାଷ ଉପରେ ଧ୍ୟାନ ଦେବାକୁ ଚାଷୀଙ୍କୁ ସେ ଆହ୍ୱାନ ଦେଇଥିଲେ। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କୃଷକ ଦିବସ ପାଳନର ଶୁଭ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ଶ୍ରୀ ମୋହନ ଚରଣ ମାଝୀ ଖରିଫ ୨୦୨୫ ରେ ସିଏମ କିସାନ ସହାୟତା ରାଶି ହସ୍ତାନ୍ତର କରିଥିବା କାର୍ଯ୍ୟକ୍ରମକୁ ଆଭାସୀ ଜରିଆରେ ଏଠାରେ କୃଷକ ମାନେ ଉପଭୋଗ କରିଥିଲେ। ଏହି ଯୋଜନାରେ ଜିଲ୍ଲାର ୧,୦୯,୭୩୪ ଜଣ ଚାଷୀଙ୍କୁ ଏହି ସହାୟତା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ଭାରତ ଲାଲ୍ ସାହୁ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ, ସରପଞ୍ଚ, ଜନ ପ୍ରତିନିଧି, ଜିଲ୍ଲାର ବହୁ ଅଗ୍ରଣୀ ଚାଷୀ, କୃଷକ ଅନୁଷ୍ଠାନର ସଦସ୍ୟ ସଦସ୍ୟା ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ। କୃଷୀ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କାରି ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତିର ସମୀକ୍ଷା

ବାରିପଦା : ବିଧାନସଭାର ୯ମ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ ତଥା ସଦସ୍ୟ ବୃନ୍ଦ ୨ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ ରେ ଆସି ଜିଲ୍ଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ରେ କାର୍ଯ୍ୟକାରି ହେଉଥିବା ବିଭିନ୍ନ ସରକାରୀ ଯୋଜନାର ପ୍ରକଳ୍ପ ଗୁଡିକ ଅଗ୍ରଗତି ଓ ଏହାର ସମୀକ୍ଷା କରିଥିଲେ। ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ କମିଟିର ଅନ୍ୟାନ୍ୟ ସଦସ୍ୟ ତଥା ବିଧାୟକଗଣ ପ୍ରଥମ ଦିନ ତା ୨୯-୦୪-୨୦୨୫ ରିଖ ଅପରାହ୍ନ ରେ କ୍ଷେତ୍ର ପରିଦର୍ଶନ ରେ ଉଠାଣି ନୂଆଗାଁ ର ମେଗା ପାନୀୟ ଜଳ ପ୍ରକଳ୍ପର ର ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମ୍ୟ ଉନ୍ନୟନ ଅଧୀନରେ ଗମନାଗମନ ପାଇଁ ନିର୍ମାଣ ହେଉଥିବା ସଡ଼କ, ପୋଲ ଇତ୍ୟାଦିର କାର୍ଯ୍ୟର ଅଗ୍ରଗତି ର ସମୀକ୍ଷା କରିଥିଲେ। ସେହିପରି ଦ୍ୱିତୀୟ ଦିନ ତା. ୩୦-୦୪-୨୦୨୫ ରିଖ କମିଟି ଶିମିଳିପାଳ ର ଦୁର୍ଗମ ଅଂଚଳ ପରିଦର୍ଶନ ରେ ଯାଇ ଗମନାଗମନ, ଆବାସ ଓ ପାନୀୟ ଜଳ ଯୋଗାଣର ସ୍ଥିତି କୁ ଅନୁଧ୍ୟାନ କରିଥିଲେ। ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ କମିଟିର ଅଧ୍ୟକ୍ଷ ଶ୍ରୀ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତା ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମୀକ୍ଷା ବୈଠକ ରେ କମିଟି ର ସଦସ୍ୟ ବଡ଼ଚଣା ବିଧାୟକ ଶ୍ରୀ ଅମର ନାୟକ, କବିସୂର୍ଯ୍ୟ ନଗର ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ, ଲକ୍ଷ୍ମୀପୁର ବିଧାୟକ ଶ୍ରୀ ପବିତ୍ର ସାଉଁତା, ଖଣ୍ଡପଡା ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ, କରଞ୍ଜିଆ ବିଧାୟକ ଶ୍ରୀ ପଦ୍ମ ଚରଣ ହାଇବ୍ରୁ ଯୋଗ ଦେଇଥିଲେ। ତତ ସହିତ ସ୍ଥାନୀୟ ବିଧାୟକ ବାରିପଦା ଶ୍ରୀ ପ୍ରକାଶ ସୋରେନ ଓ ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦାଙ୍କ ସହ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ



ବେହେରା ଯୋଗ ଦେଇଥିଲେ। ବୈଠକ ଆରମ୍ଭ ରେ ଜିଲ୍ଲାପାଳ ଶ୍ରୀ ସୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ କମିଟିର ଅଧ୍ୟକ୍ଷ ତଥା ଅନ୍ୟାନ୍ୟ ସଦସ୍ୟ ମାନ୍ୟବର ବିଧାୟକଗଣ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପଂଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କାରି ହେଉଥିବା ବିଭିନ୍ନ ଜନ କଲ୍ୟାଣ କାରି ଉନ୍ନୟନ ମୂଳକ ଯୋଜନା ଗୁଡିକର ସ୍ଥିତି ଓ ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ଆଲୋଚନା ପ୍ରସଙ୍ଗରେ କମିଟି ର ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ ଶ୍ରୀ ବିଜୁଳି କହିଥିଲେ ଯେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସମୟରେ ଲୋକମାନଙ୍କ ମୌଳିକ ଆବଶ୍ୟକତା ହେଉଛି ପାନୀୟ ଜଳ। ତେଣୁ ଏହାକୁ ଗୁରୁତର ସହିତ ଧ୍ୟାନ ଦେଇ ପ୍ରକଳ୍ପ କାର୍ଯ୍ୟ ଗୁଡିକ ତରାନ୍ୱିତ କରି ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଗମନା ଗମନ ପାଇଁ ବିଭିନ୍ନ ସ୍ଥାନରେ ନଦୀ ଉପରେ ନିର୍ମାଣ ହେଉଥିବା ପୋଲ ଗୁଡିକ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏତଦ ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ, ପି ଏମ ଜନ ମନ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା ର ସର୍ଭେ, ରାସନ କାର୍ଡ ବଣ୍ଟନ, ଏନ ଆର ଇ ଜି ଏସ ଅଧୀନରେ ବିଭିନ୍ନ ଯୋଜନା ଇତ୍ୟାଦିର ସମୀକ୍ଷା କରିଥିଲେ। ଶେଷରେ କମିଟିର ଅଧ୍ୟକ୍ଷ ଜିଲ୍ଲାର ସାମଗ୍ରିକ ବିକାଶ ତଥା ପ୍ରତ୍ୟେକ ଯୋଗ୍ୟ ଲୋକମାନଙ୍କ ପାଖରେ ସରକାରୀ ଯୋଜନା କିପରି ସହଜ ଓ ସରଳରେ ପହଂଚି ପାରିବ ସେ ସମ୍ବନ୍ଧରେ ବିଭାଗୀୟ ଅଧିକାରୀ ମାନଙ୍କୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେବା ସହ ବିଭିନ୍ନ ଜନକଲ୍ୟାଣକାରି ପ୍ରକଳ୍ପ କାର୍ଯ୍ୟ ଗୁଡିକ ନିର୍ଧାରିତ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରାଇବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଯଥୋଚିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବୈଠକ ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ହ୍ୟାଲୋ ବଲିଉଡ୍



## ମାଧୁରୀଙ୍କ ସହ ସ୍କ୍ରିନ ସେୟାର କରିବେ ରବି କିଶନ

ଭୋଜପୁରୀ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ରବି କିଶନ ବଲିଉଡ଼ରେ ବି ନିଜ ଦବଦବା ଜାହିର କରିବାକୁ ଲାଗିଛନ୍ତି । କିରଣ ରାଓଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଥିବା ଫିଲ୍ମ ଲାପତା ଲେଡିଜରେ ପୋଲିସ ଚରିତ୍ର ନିଭାଇ ସେ ଖୁବ୍ ପ୍ରଶଂସା ସାଉଣ୍ଟିଛନ୍ତି । ଏବେ ଅଭିନେତା ହାତରେ ଆଉ ଗୋଟିଏ ହିନ୍ଦୀ ଫିଲ୍ମ ଲାଗିଛି ଯେଉଁଥିରେ ସେ ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି । ଏକ ରିପୋର୍ଟ ଅନୁସାରେ ରବି କିଶନ ସୁରେଶ ତ୍ରିବେଣୀଙ୍କ ନିର୍ଦ୍ଦେଶନାଧିନ କମେଡ଼ି ଫିଲ୍ମ 'ମା ବହନ'ରେ କାଷ୍ଟ ହୋଇଛନ୍ତି । ଏହି ଫିଲ୍ମର ସୁଟିଂ ଏହି ବର୍ଷ ମଇରେ ମୁମ୍ବାଇରେ ଆରମ୍ଭ ହେବା ଖବର ଅଛି । 'ମା ବହନ'ରେ ମାଧୁରୀ ଦୀକ୍ଷିତ, ତୃପ୍ତି ଡିମରୀ ଏବଂ ଧରନା ଦୁର୍ଗାଙ୍କ ସହ ମୁଖ୍ୟ ଭୂମିକା ନିଭାଇବାରେ ନଜର ଆସିବେ । ଏଭଳି ସ୍ଥଳେ ରବି କିଶନ ନିକଟରେ ଫିଲ୍ମକୁ ନେଇ ନିଜ ଉତ୍ସାହ ଜାହିର କରିଛନ୍ତି । ସେ ମାଧୁରୀ ଦୀକ୍ଷିତଙ୍କ ସହ କାମ କରିବାର ଭାଗ୍ୟ କହିଛନ୍ତି । ମାଧୁରୀ ଦୀକ୍ଷିତ ଏବଂ ତୃପ୍ତି ଡିମରୀଙ୍କ ସହ ସ୍କ୍ରିନ ସେୟାର କରିବା ନେଇ ରବି କିଶନ କହିଛନ୍ତି କି, ମାଧୁରୀ ଜି ବହୁତ ବଡ଼ ସୁପରଷ୍ଟାର ରହିଛନ୍ତି ଏବଂ ଆମେ ସମସ୍ତେ ବହୁ ବର୍ଷରୁ ତାଙ୍କର ତାରିଫ୍ କରି ଆସୁଛୁ । ଏହା ଏକ ଶାନଦାର ସମୟ ଅଟେ । ମୋତେ ଶ୍ରୀଦେବୀଙ୍କ ସହ କାମ କରିବାର ସୁଯୋଗ ମିଳିଛି, କିନ୍ତୁ ମାଧୁରୀ ଜିଙ୍କ ସହ କେବେ ସୁଯୋଗ ମିଳିନଥିଲା । ଏଥିଲାଗି ଏହା ଏକ ବଡ଼ ଆକର୍ଷଣ ଅଟେ, ସୌଭାଗ୍ୟ ଅଟେ କି ତାଙ୍କ ସହ କାମ କରିବା । ଭାରତର ନୂଆ ସେନ୍ସେଶନ ତୃପ୍ତି ବି ଏହି ଫିଲ୍ମର ଭାଗିଦାରୀ ଅଟନ୍ତି , ଏଥିଲାଗି ଇଶ୍ୱରଙ୍କ ଇଚ୍ଛାରୁ ଏହା ଏକ ଖୁବସୁରତ ପ୍ରୋଜେକ୍ଟ ହେବ ।

# ଚନ୍ଦନ ଯାତ୍ରାବେଳେ କାନ୍ଥ ଭୁଶୁଡ଼ି ୮ ମୃତ

**ମୃତକଙ୍କ ମଧ୍ୟରେ ୩ ମହିଳା**

**୧୦ରୁ ଅଧିକ ଶ୍ରଦ୍ଧାଳୁ ଆହତ**

**ବିଶାଖାପାଟଣା:** ଆନ୍ଧ୍ରପ୍ରଦେଶ ସୀମାଞ୍ଚଳମରେ ଥିବା ଶ୍ରୀ ବରାହଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିରରେ ଅଘଟଣ । କାନ୍ଥ ଭୁଷୁଡି ୮ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଛି । ୧୦ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି । ବିଳମ୍ବିତ ରାତିରେ ଅଘଟଣ ଘଟିଛି । ଚନ୍ଦନ ଯାତ୍ରା ଚାଲିଥିବା ବେଳେ କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଏନଡିଆରଏଫ୍ ଓ ଏସ୍‌ଡିଆରଏଫ୍ ଟିମ ପକ୍ଷରୁ ଘଟଣାସ୍ଥଳରେ



ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଚନ୍ଦନ ଯାତ୍ରା ଚାଲିଥିବା ବେଳେ ହଠାତ୍ ୨୦ ଫୁଟର ଏକ କାନ୍ଥ ଭାଙ୍ଗି ଯାଇଥିଲା । ତୁରନ୍ତ ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚିଥିଲେ । ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଚନ୍ଦନ ଯାତ୍ରାରେ ସୀମାଂଚଳମ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ଓଡିଶାରୁ ହଜାର ହଜାର ଭକ୍ତ ଏଥିରେ ସାମିଲ ହୋଇଥାନ୍ତି ।

ମିଳିଥିବା ସୂଚନା ମୁତାବକ ବୁଧବାର ଭୋର ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା । ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ଯୋଗୁଁ, ମନ୍ଦିର ପରିସରରେ ଏକ ସଦ୍ୟ ନିର୍ମିତ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୮ ଜଣଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ୫ ଜଣ ପୁରୁଷ ଏବଂ ୩ ଜଣ ମହିଳା ଅଛନ୍ତି । ଏହି ଘଟଣା ମନ୍ଦିରରେ ଉପସ୍ଥିତ ଭକ୍ତଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା । ଏନଡିଆରଏଫ ଏବଂ ଏସଡିଆରଏଫ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । କାନ୍ଥର ଧ୍ୱଂସାବଶେଷ ତଳେ ଚାପି ହୋଇ ସାତ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ହସ୍ପିଟାଲରେ ଚିକିତ୍ସା ସମୟରେ ଜଣଙ୍କର ମୃତ୍ୟୁ ହୋଇଛି ।

## ପ୍ରଦୂଷଣ ନିରାକରଣ ସମିତିର ଜିଲ୍ଲାସ୍ତରୀୟ ବୈଠକ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ଜିଲ୍ଲା ପ୍ରଦୂଷଣ ନିରାକରଣ ସମିତିର ଜିଲ୍ଲା ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ପାରାଦ୍ୱୀପ ସ୍ଥିତ ପଲ୍ୟୁସନ ବୋର୍ଡର ଆଂଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଓ ପଟ୍ଟାମୁଣ୍ଡାଇର ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଆଂଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ, ରାଜନଗର ବନଖଣ୍ଡ ଅଧିକାରୀ, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତି ରଂଜନ ଗଉଡ, ଗଗନ ବିହାରୀ ମଲିକ, ଜିଲ୍ଲା ଖଣି ଅଧିକାରୀ ଦିନେଶ ମହାପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରକାର ପ୍ରଦୂଷଣ ଯୋଗୁଁ ଜନ ସାଧାରଣ ଭୋଗୁଥିବା ସ୍ୱାସ୍ଥ୍ୟଗତ ସମସ୍ୟା ସମେତ ଦୋକାନ ବଜାର ରେ ବ୍ୟବହାର କରା ଯାଉଥିବା ପଲିଥିନର ବହୁଳ ବ୍ୟବହାର ଯୋଗୁଁ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହେଉଛି । ବିଶେଷକରି ୨ଟି ପୌରାଂଚଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ରେ ଚଢାଉ କରାଯାଇ ପଲିଥିନର ବ୍ୟବହାର କମ କରିବା ଏବଂ ଜରିମାନା ଆଦାୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ବେଲଜିୟମ ଅଧିକାରୀଙ୍କ ଉପରେ ପ୍ରାକୃତିକ ନ୍ୟାୟ ଉଲ୍ଲଂଘନ ଅଭିଯୋଗ ଆଣିଲେ ମେହୁଲ ଚୋକସୀ

**ନୂଆଦିଲ୍ଲୀ:** ଭାରତକୁ ପ୍ରତ୍ୟର୍ପଣ ରୋକିବା ପାଇଁ ବେଲଜିୟମ କୋର୍ଟ ଅଫ୍ ଆପିଲ୍‌ରେ ଏକ ନୂତନ ଆବେଦନ ଦାଖଲ କରିଛନ୍ତି ପଳାତକ ବ୍ୟବସାୟୀ ମେହୁଲ ଚୋକସି । ସେ ଏହା ମଧ୍ୟ ଦାବି କରିଛନ୍ତି ଯେ, ବେଲଜିୟମ କର୍ତ୍ତୃପକ୍ଷ ପ୍ରକୃତ ନ୍ୟାୟର ନୀତି ଉଲ୍ଲଂଘନ କରୁଛନ୍ତି । ସମ୍ବାଦ ସଂସ୍ଥା ଏଏନଆଇ

**ଦାଖଲ କଲେ ନୂଆ ଆବେଦନ...**

ରିପୋର୍ଟ କରିଛି ଯେ, ତାଙ୍କର ନୂତନ ଆବେଦନରେ, ଚୋକସି ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ଗିରଫ କରାଯିବା ସମୟରେ ବେଲଜିୟମ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ପାଳନ କରିନଥିଲେ । ତାଙ୍କର ସର୍ବଶେଷ ଆବେଦନ ତାଙ୍କ ବେଲଜିୟମ ଆଇନଗତ ଦଳ ଦ୍ୱାରା ଦାଖଲ କରାଯାଇଥିଲା ଏବଂ ଆଡଭୋକେଟ୍ ବିଜୟ ଅଗ୍ରୱାଲଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।

ସେ ଆହୁରି ଯୁକ୍ତି କରିଛନ୍ତି ଯେ, କର୍ତ୍ତୃପକ୍ଷ କେବଳ ଉପଯୁକ୍ତ ପ୍ରକ୍ରିୟାକୁ ଅବମାନନା କରିନାହାଁନ୍ତି ବରଂ ପ୍ରକୃତ ନ୍ୟାୟର ନୀତିକୁ ଭଙ୍ଗ କରିଛନ୍ତି, ଯାହାକି



ତାଙ୍କର ମୌଳିକ ଅଧିକାରକୁ ମଧ ଉଲ୍ଲଂଘନ କରିଛି । ତେବେ ତାଙ୍କ ଗିରଫ ପ୍ରକ୍ରିୟାରେ ଅନିୟମିତତା ଦର୍ଶାଇ ତାଙ୍କର ତୁରନ୍ତ ମୁକ୍ତି ଦାବି କରିଛନ୍ତି ଚୋକସୀ । ବେଲଜିୟମ କୋର୍ଟ ଅଫ୍ ଅପିଲ୍ ତାଙ୍କ ଜାମିନ ଆବେଦନକୁ ଖାରଜ କରିବାର କିଛି ଦିନ ପରେ ଏହା ଆସିଛି । ତାଙ୍କର ଦ୍ୱିତୀୟ ଆବେଦନରେ, ଚୋକସି ଦାବି କରିଛନ୍ତି ଯେ ତାଙ୍କ ଗିରଫଦାରୀ ମନମୁଖୀ ଏବଂ ବେଆଇନ ଥିଲା । ଗତ ସପ୍ତାହରେ, କୋର୍ଟ ଜାମିନ ପାଇଁ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ ।

ସୂଚନାଥାଉକି, ଚୋକସି ଏବଂ ତାଙ୍କ ଭଣଜା ନୀରବ ମୋଦି ୧୩୫୦୦ କୋଟି ଟଙ୍କାର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (PNB) ଋଣ ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ । ଏହି ଠକେଇ ଉପରେ ଭାରତୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତ୍ୟର୍ପଣ ଅନୁରୋଧ କରାଯିବା ପରେ ତାଙ୍କୁ ଏହି ମାସ ଆରମ୍ଭରେ ବେଲଜିୟମରେ ଗିରଫ କରାଯାଇଥିଲା ।

## ପାକିସ୍ତାନ ଯିବେନି ଶୌର୍ଯ୍ୟଚକ୍ର ସହିଦ ଯବାନ ମୁଦାସିର ଅହମ୍ମଦଙ୍କ ମା'

**ଶ୍ରୀନଗର/ଜମ୍ମୁ:** ପାକିସ୍ତାନ ଯିବେନି ଶୌର୍ଯ୍ୟଚକ୍ର ସହିଦ ଯବାନ ମୁଦାସିର ଅହମ୍ମଦଙ୍କ ମା' । ଶମିମା ଅଖ୍ତରଙ୍କୁ ଭାରତରେ ରହିବାକୁ ମିଳିଲା ଅନୁମତି । ଏନେଇ ତାଙ୍କ ପରିବାର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶମିମା ଅଖ୍ତରଙ୍କୁ ଭାରତ ଛାଡ଼ିବାକୁ ନୋଟିସ୍ ହୋଇଥିଲା । ଏନେଇ ତାଙ୍କ ପରିବାର ଚିନ୍ତାରେ ଥିଲେ । ଏନେଇ ମୁଦାସିରଙ୍କ ଦାଦା ମହମ୍ମଦ ୟୁନୁସ କହିଥିଲେ ଯେ, ଭାଉଜ ଶମିମା ଅଖ୍ତର ୨୦ ବର୍ଷର ହୋଇଥିବା ବେଳେ ତାଙ୍କର ବିବାହ ମୋ ଭାଇ ମହମ୍ମଦ ମକସୁଦଙ୍କ ସହ ହୋଇଥିଲା । ସରକାର କେବଳ ପାକିସ୍ତାନୀଙ୍କୁ ହିଁ ପ୍ରତ୍ୟର୍ପଣ କରିବା ଆବଶ୍ୟକ । ପିଓକେ ତ ଆମ ଅଞ୍ଚଳ ।



ୟୁନୁସ କହିଥିଲେ ଯେ, ମୁଦାସିରଙ୍କ ମୃତ୍ୟୁ ପରେ ସରକାର ମରଣୋତ୍ତର ଶୌର୍ଯ୍ୟଚକ୍ର ଦେଇଥିଲେ । ସହିଦଙ୍କ ମା' ବଡ଼ ଗର୍ବରେ ଏହି ସମ୍ମାନ ଗ୍ରହଣ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପୂରା ପରିବାର ସହ ସାକ୍ଷାତ କରିଥିଲେ । ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ମଧ ଦୁଇଥର ଭେଟିଥିଲେ । ସରକାର ତାଙ୍କ ପ୍ରତ୍ୟର୍ପଣ ଉପରେ ପୁନର୍ବିଚାର କରିବା ଆବଶ୍ୟକ ।

ପ୍ରକାଶିତ ରିପୋର୍ଟ ଅନୁସାରେ, କାଶ୍ମୀରରେ ରହୁଥିବା ୬୦ ପାକିସ୍ତାନୀ ନାଗରିକଙ୍କୁ ସେମାନଙ୍କ ଦେଶକୁ ପ୍ରତ୍ୟର୍ପଣ କରାଯାଉଛି । ଏମାନଙ୍କ ମଧ୍ୟରେ ଜମ୍ମୁକାଶ୍ମୀର ପୁଲିସର ସହିଦ ଯବାନ ମୁଦାସିର ଅହମ୍ମଦ ଶେଖଙ୍କ ମାଆ ବି ଥିଲେ । ଅଧିକାରୀଙ୍କ ମୁତାବକ, ମୁଦାସିରଙ୍କ ମାଆ ଶମିମା ଅଖ୍ତର ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ବାସିନ୍ଦା । ସେ ୪୫ ବର୍ଷ ହେଲା ଉରିରେ ରହିଆସୁଥିଲେ । ପାକିସ୍ତାନକୁ ପ୍ରତ୍ୟର୍ପଣ ହୋଇଥିବା ୬୦ ଲୋକଙ୍କ ମଧ୍ୟରେ ୩୬ ଶ୍ରୀନଗର, ୯ ବାରାମୂଲା ଓ କୁପୱାଡ଼ାରୁ ୯ ଜଣ ଅଛନ୍ତି । ସେହିଭଳି ବଡ଼ଗାମ୍‌ରୁ ୪ ଓ ସୋପିଆନ ଜିଲ୍ଲାରୁ ୨ ଜଣ ଅଛନ୍ତି ।

ଉଲ୍ଲେଖଯୋଗ୍ୟ, ୨୦୨୨ ମେ ୨୫ରେ ବାରାମୂଲାରେ ଆତଙ୍କବାଦୀଙ୍କ ବିରୋଧରେ ଚାଲିଥିବା ଏକ ଅପରେସନରେ ମୁଦାସିର ସହିଦ ହୋଇଥିଲେ । ତାଙ୍କ ସ୍ମୃତିରେ ବାରାମୂଲା ମୁଖ୍ୟ ଛକରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଏହାଛଡ଼ା ୨୦୨୨ ଜୁଲାଇରେ ମୁଦାସିରଙ୍କ ଭଉଣୀଙ୍କ ବିବାହ ଉତ୍ସବରେ ବରିଷ୍ଠ ସେନା ଅଧିକାରୀ ଯୋଗ ଦେଇଥିଲେ । ମୁଦାସିରଙ୍କୁ ମରଣୋତ୍ତର ଶୌର୍ଯ୍ୟଚକ୍ର ମିଳିଥିଲା । ୨୦୨୩ ମେ ମାସରେ ଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ତାଙ୍କ ମାଆ ଶମିମା ପୁରସ୍କାର ଗ୍ରହଣ କରିଥିଲେ । ଅନ୍ୟପକ୍ଷରେ ସିଆରପିଏଫର ଯବାନ ମୁନୀର ଖାନଙ୍କ ପତ୍ନୀ ମୀନଲ ଖାନ ପାକିସ୍ତାନର ନିବାସୀ । ତାଙ୍କୁ ବି ଦେଶ ଛାଡ଼ିବାକୁ କୁହାଯାଇଛି । ମୁନୀର ଖାନ ଘରୋଟା ଅଞ୍ଚଳର ବାସିନ୍ଦା । ମଙ୍ଗଳବାର ସେ ପତ୍ନୀ ମୀନଲଙ୍କୁ ନେଇ ଅମୃତସର ଅଭିମୁଖେ ଯାଇଛନ୍ତି । ଏଠାରେ ଥିବା ଅଟ୍ଟାରୀ ସୀମା ଜରିଆରେ ତାଙ୍କ ପତ୍ନୀଙ୍କୁ ପାକିସ୍ତାନ ପ୍ରତ୍ୟର୍ପଣ କରାଯିବ । ମୁନୀରଙ୍କ ସହ ଅନ୍‌ଲାଇନ୍‌ରେ ମୀନଲଙ୍କର ବିବାହ ହୋଇଥିଲା ।

## ତେଲେଙ୍ଗାନାର ବାଣ କାରଖାନାରେ ବିସ୍ଫୋରଣ, ୩ ମୃତ

**ନୂଆଦିଲ୍ଲୀ:** ତେଲେଙ୍ଗାନାରେ ଅଘଟଣ । ବାଣ କାରଖାନାରେ ବିସ୍ଫୋରଣ । ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ନିକଟସ୍ଥ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ତେବେ ମୃତକମାନେ ହେଲେ ଜି ସନ୍ଦୀପ, ଚୌଧୁରୀ ଚରଣ ଏବଂ କାଲୱାଲା ନରେଶ ବୋଲି ଜଣାପଡ଼ିଛି ।

ସୂଚନା ମୁତାବକ, ତେଲେଙ୍ଗାନାର ୟଦାଦ୍ରି-ଭୁବନଗିରି ଜିଲ୍ଲାର କାଟେପାଲି ଗାଁରେ ଥିବା ଏହି ବିସ୍ଫୋରଣ କାରଖାନାଟି ବାଣିଜ୍ୟିକ ଉଦ୍ଦେଶ୍ୟରେ ଏବଂ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ସମେତ ପ୍ରମୁଖ ସଂଗଠନ ପାଇଁ ବିସ୍ଫୋରକ ତିଆରି



କରିଆସୁଛି । ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ, ମଙ୍ଗଳବାର ସନ୍ଧ୍ୟା ୬ ଟା ୪୦ ରେ କାରଖାନାରେ ବିସ୍ଫୋରଣ ସମ୍ପର୍କରେ ସୂଚନା ମିଳିଥିଲା, ଯାହା ପରେ ଘଟଣାସ୍ଥଳକୁ ଦୁଇଟି ଅଗ୍ନିଶମ ଗାଡ଼ି ପଠାଯାଇଥିଲା । ହେଲେ ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ନିଆଁ କମିଯାଇଥିଲା, କିନ୍ତୁ ବିସ୍ଫୋରଣର ତୀବ୍ରତା ଯୋଗୁଁ କୋଠାଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା ।

ଦକାରଖାନାର ୧୮ଏ ବ୍ଲକରେ ବିସ୍ଫୋରଣ ଘଟିଥିଲା । ସେହି ସମୟରେ ବ୍ଲକରେ ଛଅ ଜଣ କର୍ମଚାରୀ ଥିଲେ । ସେଥିରୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ବୁଗା ଲିଙ୍ଗସ୍ୱାମୀ, ଶ୍ରୀକାନ୍ତ ଏବଂ ମହେନ୍ଦ୍ର ଅନ୍ତର୍ଭୁକ୍ତ । ତାଙ୍କୁ ଭୋଙ୍ଗିରର ଏକ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଛି । ଏହି ସମୟରେ, କାଟେପାଲିର ଗ୍ରାମବାସୀମାନେ ମୃତ ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦାବି କରି କାରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

# ୧୫୦କୁ ଅଧିକ ଆତଙ୍କୀ ସଂଗଠନ, ଭାରତ ବିରୋଧରେ ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ:** ଆତଙ୍କବାଦୀଙ୍କ ପାଇଁ ଭୂସ୍ୱର୍ଗ ପାକିସ୍ତାନ । ୧୫୦କୁ ଅଧିକ ଆତଙ୍କୀ ସଂଗଠନ ଅପରେଟ୍ । ଲଞ୍ଚ୍ ପ୍ୟାଡ୍ କରି ଫ୍ୟାକ୍ଟ୍ରି ଚଳାଉଛି ପଡ଼ୋଶୀ ଦେଶ । ୩ ଦଶନ୍ଧି ଧରି ଚାଲୁଛି କାରଖାନା । ୧୯୪୭ରେ ଧର୍ମର ଆଢୁଆରେ ଦୁଇ ଖଣ୍ଡ ହୋଇଥିଲା ଭାରତ । ରେଡ୍ କ୍ଲିପ୍ ରେଖା ତିଆରି ହୋଇଛି ପାକିସ୍ତାନ । ବିଭାଜନ ବେଳେ ଗଣତାନ୍ତ୍ରିକ ପୋଷାକ ପିନ୍ଧି ବାହାସ୍ଫୋଟ ମାରୁଥିବା ପାକ୍ ? ଉପରେ ଏବେ ପ୍ରାଧାନ୍ୟ ବିସ୍ତାର କରିଛି ସାମରିକ ପୋଷାକ । ଆଉ ସେନାର ଛତ୍ରଛାୟା ତଳେ ଚାଲିଛି ଆତଙ୍କୀ ଫ୍ୟାକ୍ଟ୍ରି । ପାକିସ୍ତାନରେ ପ୍ରାୟ ୧୫୦ରୁ ଅତଙ୍କବାଦୀ ସଂଗଠନ ସକ୍ରିୟ ରହିଛନ୍ତି । ଏମାନଙ୍କୁ ପାକ୍ ସେନା ଓ ଗୁଇନ୍ଦା ସଂସ୍ଥା ଆଇଏସଆଇ ଟ୍ରେଣ୍ଡ କରୁଛି । ଆଉ କାଶ୍ମୀରରେ ଅନୁପ୍ରବେଶ କରାଇ ଶାନ୍ତ ରାଜ୍ୟରୁ ଅଶାନ୍ତ କରାଉଛି ।

ଆଇଏସଆଇ ଇସାରାରେ ଚାଲୁଛି ଆତଙ୍କୀ ଫ୍ୟାକ୍ଟ୍ରି । ସନ୍ତ୍ରାସବାଦୀଙ୍କୁ ଟ୍ରେନିଂ ଦେଉଛି ପାକ୍ ସେନା । ପିଓକେ ଲଞ୍ଚ୍ ପ୍ୟାଡରୁ ଭାରତକୁ ହେଉଛି ଅନୁପ୍ରବେଶ । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ସେ ଦିନର ସେ ମନ୍ତବ୍ୟ ଆଜି ବି ଅକାଟ୍ୟବଚନ । ସେ କହିଥିଲେ, " ଆମେ ବନ୍ଧୁକୁ ବଦଳାଇ ପାରିବା, ହେଲେ ପଡ଼ୋଶୀକୁ ନୁହେଁ । ଏହା ବର୍ଷ ବର୍ଷ ଧରି

**କାଶ୍ମୀରକୁ ଟାର୍ଗେଟ୍; ଆତଙ୍କୀ ଫ୍ୟାକ୍ଟ୍ରି ଚଳାଉଛି ପାକସ୍ତାନ**

ଆମର ମୁଖ୍ୟ ସମସ୍ୟା ହୋଇଆସିଛି । ଆଉ ଯଦି ପଡ଼ୋଶୀ ପାକିସ୍ତାନ ହୁଏ, ତେବେ ସମସ୍ୟା ବିପଦ ପାଲଟିଯିବ ।" ପାକିସ୍ତାନ ଗତ ତିନି ଦଶନ୍ଧି ଧରି ଭାରତକୁ ଆତଙ୍କବାଦୀ ପଠାଇ କାଶ୍ମୀରକୁ ଅସ୍ଥିର କରିବାକୁ ଉଦ୍ୟମ କରୁଛି । ଏବେ ତ ଏହାକୁ ସ୍ୱୀକାର କରିଛନ୍ତି ଶହବାଜ ଶରିଫ୍ ସରକାରର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ।

୧୫୦ରୁ ଅଧିକ ଆତଙ୍କବାଦୀ ସଂଗଠନ



ସହ ନ୍ୟୁକ୍ଲିୟାର ବୋମା ଦେଶ ବିଶ୍ୱ ପାଇଁ ବିପଦ ପାଲଟିଛି । ୨୦୨୪ରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ମଧ ଏହା କହି ସାରିଛନ୍ତି । ବିଶ୍ୱର ବିପଦପୂର୍ଣ୍ଣ ଦେଶମାନଙ୍କ ମଧ୍ୟରେ ପାକିସ୍ତାନ ଶୀର୍ଷରେ ରହିବ । ୨୦୨୪ରେ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦ ମଧ ଏହା ଉପରେ ମୋହର ମାରିସାରିଛି । ଆଉ ୧୫୦ରୁ ଅଧିକ ଆତଙ୍କୀ ସଂଗଠନ ଓ ଆତଙ୍କୀବାଦୀଙ୍କୁ ବ୍ଲାକ୍ ଲିଷ୍ଟ୍ କରିଛି । ତଥାପି ସୁଧୁରୁନି ପାକ୍ ।

ଦକ୍ଷିଣ ଏସିଆ ଟେରରିଜିମ୍ ପାର୍ଟାଲ ବା ଏସଏଟିପି ଆନୁଯାୟୀ, ପାକିସ୍ତାନରେ ଏଭଳି ଏକ ରାଜ୍ୟ ନାହିଁ, ଯେଉଁଠି ଆତଙ୍କୀ ସଂଗଠନ ବା ଆତଙ୍କାବାଦୀ ନାହାନ୍ତି । ପଡ଼ୋଶୀ ଦେଶ ମୋଟ୍ ପାଞ୍ଚ ପ୍ରକାରର ଆତଙ୍କୀ କାର୍ଯ୍ୟ କରୁଛନ୍ତି । ତାଲିକାର ପ୍ରଥମ ସ୍ଥାନରେ ଅଛନ୍ତି, ଯେଉଁମାନେ ଦୁନିଆର କୌଣସି ଦେଶରେ ହମଲା କରିଥାନ୍ତି । ଦ୍ୱିତୀୟରେ କେବଳ ଆଫଗାନିସ୍ତାନରେ ଆକ୍ରମଣ କରନ୍ତି । ତୃତୀୟ ସ୍ଥାନରେ ଥିବା ଆତଙ୍କୀ କେବଳ କାଶ୍ମୀରକୁ ଟାର୍ଗେଟ୍ କରିଥାନ୍ତି । ଚତୁର୍ଥ ସ୍ତରର ଆତଙ୍କୀ, ଦେଶ ଭିତରେ ନୀରିହ ଲୋକଙ୍କୁ ହତ୍ୟା କରିଥାନ୍ତି । ଆଫ ପଞ୍ଚମ ସ୍ତରର ଆତଙ୍କବାଦୀ ସିୟା ବହୁଳ ଅଞ୍ଚଳରେ ହମଲା କରିଥାନ୍ତି ।

ଏହାଛଡ଼ା ପଡ଼ୋଶୀ ଦେଶ ପାଞ୍ଚ ବଡ଼ ଆତଙ୍କୀ ସଂଗଠନକୁ ପାଳିଛି । ସେମାନଙ୍କ ମଧ୍ୟରେ ମୁମ୍ବାଇ ଆତଙ୍କବାଦୀ ହମଲାର ମାଷ୍ଟର ମାଇଣ୍ଡ୍ ହାଫିଜ୍ ସାଇଦ୍ ଇସାରାରେ ଚାଲୁଥିବା ଲସ୍କର-ଏ-ତୈବା । କାନ୍ଧାର ବିମାନ ଅପହରଣର ମୁଖ୍ୟ ପୁରୋଧା ମୌଲାନା ମସୁଦ ଅଜହରର ଜୈଶ-ଇ-ମହମ୍ମଦ । ହରକତ-ଉଲ୍-ଜିହାଦୀ ଇସଲାମୀ, ହରକତ-ଉଲ୍-ମୁଜାହିଦ୍ଦିନ୍ ଓ ହିଜବୁଲ୍ ମୁଜାହିଦ୍ଦିନ୍ ରହିଛି ।

## ଜିଲ୍ଲା ପରିଷଦ ସଭାଗୃହରେ ସମବାୟ ବିକାଶରେ ଉତ୍କଳ ଗୌରବଙ୍କ ଭୂମିକା ସମ୍ପର୍କରେ ଆଲୋଚନାଚକ୍ର

**କନ୍ଧମାଳ:** ଚଳିତ ବର୍ଷ ଡିସେମ୍ବର୨୦୨୫ପର୍ଯ୍ୟନ୍ତ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବର୍ଷ ବ୍ୟାପି କାର୍ଯ୍ୟକ୍ରମ ଜିଲାରେ ଅନୁଷ୍ଠିତ ହେଉଛି ।ସମବାୟ ମାଧ୍ୟମରେ ଓଡିଶା ବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଉତ୍କଳ ଗୌରବ ମଧୁସୂଦନ ସମବାୟ ଆନ୍ଦୋଳନର ମୂଳଦୁଆ ପକାଇଥିଲେ । ଦେଶରେ ସମବାୟ ଆନ୍ଦୋଳନ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଦାସ କଟକରେ ଖାଉଟି ସମବାୟ ଭଣ୍ଡାର ଆରମ୍ଭ କରିଥିଲେ । ଉତ୍କଳ ଟ୍ୟାନେରୀ ମାଧ୍ୟମରେ ସମବାୟ ଆନ୍ଦୋଳନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିଲେ । କନ୍ଧମାଳ ଜିଲ୍ଲାରେ କୃଷି, ମତ୍ସ୍ୟ, ପ୍ରାଣିପାଳନ, ଉଦ୍ୟାନ, ଗୋପାଳନ, ଛତୁଚାଷ, ମସଲା, ହସ୍ତଶିଳ୍ପ ଇତ୍ୟାଦି ସହିତ ହୋଟେଲ, ସ୍କୁଲ କଲେଜ, ହସପିଟାଲ ଇତ୍ୟାଦି ନୂଆ କ୍ଷେତ୍ରରେ ସମବାୟର ବିକାଶ ହୋଇପାରିବ । ସମବାୟବିତ ମାନଙ୍କ ସହଯୋଗରେ ମହିଳା ଓ ଯୁବ ସମାଜକୁ ଅଧିକ ଆର୍ଥିକ ସ୍ୱାବଲମ୍ବି କରିବା ଆବଶ୍ୟକ । କିନ୍ତୁ ଓଡିଶାରେ ସମବାୟ ସମ୍ପର୍କରେ ଇଚ୍ଛାଶକ୍ତି ଅଭାବ ସାଙ୍ଗକୁ ପ୍ରଚାର ପ୍ରସାର କମ ରହୁଛି । ପରିଚାଳନା ଗତ ତୃଟି ଓ ନିଷ୍ଠାର ଅଭାବ ଯୋଗୁଁ ଏହି ସଂସ୍ଥା ଆଜି ଜନସାଧାରଣଙ୍କ ଆଶା ପୂରଣ କରିପାରୁନାହିଁ । ଏହି ଅବସରରେ ଉପନିବନ୍ଧକ ସମବାୟ ସମିତି ସମୂହ ଶ୍ରୀ ତୃପ୍ତି କଲ୍ୟାଣ ସେଠୀଙ୍କ ପୌରୋହିତ୍ୟରେ ସମବାୟ ଆନ୍ଦୋଳନରେ ମଧୁସୁଦନ ଦାସଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ର ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ମାଧ୍ୟମରେ ଗରିବ ଜନସାଧାରଣଙ୍କ ଆର୍ଥିକ ବିକାଶ ସମ୍ଭବ ବୋଲି କହିଥିଲେ । ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ ସଞ୍ଜିବ ପଟେଲ ଯୋଗ ଦେଇ ପ୍ରାଣୀ ପାଳନ ସମବାୟ ମାଧ୍ୟମରେ ରୋଜଗାର ହୋଇପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ରାମକୃଷ୍ଣ ମହାନ୍ତି ମଧୁସୁଦନଙ୍କ ଜୀବନି ଓ ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ବ୍ୟାପକ ଭାବେ ବକ୍ତବ୍ୟ ରଖିଥିଲେ ।

## ରାଶିଫଳ

**ମେଷ :** ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ । ଆୟ ଯେତେ ଅଧିକ ହେଲେ ମଧ ମନରେ ଆତ୍ମତୃପ୍ତି ମିଳିବ ନାହିଁ । ଧନ ଓ ସଞ୍ଚୟ ମନରେ ଅଧିକ ଦୁର୍ବଳତା ପ୍ରକାଶ ପାଇବ ।

**ବୃଷ :** ଶ୍ରୀଚନ୍ଦ୍ର ଯୋଗୁ ଧନ, ମାନ, ସମ୍ମାନ, ଖ୍ୟାତି, ପ୍ରତିପତ୍ତି ବୃଦ୍ଧି ପାଇବ ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ କୌଣସି ମାଙ୍ଗଳିକ କର୍ମରେ ଯୋଗଦେବେ ।

**ମିଥୁନ :** ଘାତବାର ଓ ଶୁକ୍ଳପକ୍ଷର ଦ୍ୱାଦଶ ଚନ୍ଦ୍ର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅପେକ୍ଷା ବ୍ୟୟ ଅଧିକ ରହିବ ।

**କର୍କଟ :** ଏକାଦଶ ଚନ୍ଦ୍ର, ସୋମବାର ଓ ନବମୀ ତିଥି ଯୋଗୁ ଧନ, ସମ୍ପଦ, ପ୍ରାଚୁର୍ଯ୍ୟ ବୃଦ୍ଧି ପାଇବ ଏବଂ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ । ସୁଖ, ସମ୍ପଦ, ଐଶ୍ୱର୍ଯ୍ୟ ହାତ ପହାନ୍ତାରେ ଉପଲବ୍ଧ ହେବ ଏବଂ ଉନ୍ନତିମୂଳକ କର୍ମରେ ଅଧିକ ଆଗ୍ରହ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ସିଂହ :** ଦଶମ ଚନ୍ଦ୍ର ଯୋଗୁ ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ବିଶ୍ୱାସ ରହିବ ଏବଂ କର୍ମରେ ଅଧିକ ଧ୍ୟାନ ଦେବେ । ଆଜି ଯେକୌଣସି କର୍ମ ଆରମ୍ଭ କରିବେ ସେଥିରେ ସଫଳତା ଆଶାଠାରୁ ଅଧିକ ମିଳିବ ।

**କନ୍ୟା :** ନବମ ଚନ୍ଦ୍ର, ନବମୀ ତିଥି ଯୋଗୁ ଉଚ୍ଚ ସମ୍ମାନ, ଉଚ୍ଚ ପଦବୀ, ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ଗୁରୁଜନଙ୍କ ପ୍ରତି ଦୟା ଓ ଲଘୁଜନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଭାବ ପ୍ରକାଶ ପାଇବ ।

**ତୁଳା :** ଅଷ୍ଟମ ଚନ୍ଦ୍ର ତୁଳା ରାଶି ପାଇଁ ବିଶେଷ ବାଧକ ନ ହେଲେ ମଧ ଏବଂ ସମସ୍ତ କର୍ମରେ, ବ୍ୟବସାୟରେ ମଧ୍ୟମ ଧରଣର ଫଳ ମିଳିଲେ ମଧ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ ଏବଂ ଆୟ ତୁଳନାରେ ବ୍ୟୟ ମଧ ସେହି ଅନୁସାରେ ହେବ ।

**ବିଛା :** ଘାତଚନ୍ଦ୍ର ଯୋଗୁ ଅପରିଚିତ ମହିଳାଙ୍କଠାରୁ ଅପମାନ କିମ୍ବା ତାଙ୍କ ସହ ବିବାଦ ହୋଇପାରେ । ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା ଏବଂ ପରିବାରରେ ଅଶାନ୍ତିର ଝଡ଼ ଦେଖାଦେବ । ଦାମ୍ପତ୍ୟ ଜୀବନରେ ଅଶାନ୍ତି କିମ୍ବା ଧର୍ମପତ୍ନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ସ୍ୱଳ୍ପ ହେବ ।

**ଧନୁ :** ଷଷ୍ଠ ଚନ୍ଦ୍ର ଯୋଗୁ ମନରେ ପ୍ରସନ୍ନତା ଏବଂ ସମସ୍ତଙ୍କୁ ବଶୀଭୂତ କରିବାର ଶକ୍ତି ଜାଗ୍ରତ ହେବ । ବାଣିଜ୍ୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ବ୍ୟବସାୟର ଶାଖା ବଢ଼ାଇବା ପାଇଁ ଉଦ୍‌ଯୋଗ କରିବେ ।

**ମକର :** ଶୁକ୍ଳପକ୍ଷର ପଞ୍ଚମ ଚନ୍ଦ୍ର ଯୋଗୁ ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ସନ୍ତାନମାନେ ଆଜ୍ଞାଧୀନ ହେବେ ଏବଂ ତାଙ୍କ କର୍ମକୁ ନେଇ ଗର୍ବ ଅନୁଭବ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**କୁମ୍ଭ :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ବିବାଦ, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି । ପରିବହନ ବ୍ୟବସାୟରେ ଅଧିକ କ୍ଷତି ଏବଂ ବାଣିଜ୍ୟ, ବ୍ୟବସାୟରେ ଆୟ ସ୍ୱଳ୍ପ ହେବ ।

**ମୀନ :** ଶୁକ୍ଳପକ୍ଷର ତୃତୀୟ ଚନ୍ଦ୍ର, ସୋମବାର ଓ ରବିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହଶ୍ରଦ୍ଧା ଭାବ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ବ୍ୟବସାୟର ଶାଖା ବଢ଼ାଇବା ପାଇଁ ଉଦ୍ୟମ କରିବେ ।

# ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଜିଓ ପ୍ଲାଟଫର୍ମସର ନେଟ୍ ଲାଭ ୨୫.୭ ପ୍ରତିଶତ ବୃଦ୍ଧି

**ମୁମ୍ବାଇ / ଭୁବନେଶ୍ୱର:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ୍ ଉଦ୍ୟୋଗ ଜିଓ ପ୍ଲାଟଫର୍ମସ ଆଜି ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ବା ଶେଷ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରିଛି । ଜାନୁଆରୀରୁ ମାର୍ଚ୍ଚ ୨୦୨୫ ଯାଏଁ ରହିଥିବା ଏହି ତ୍ରୟମାସରେ ଜିଓ ପ୍ଲାଟଫର୍ମସର ନେଟ ଲାଭ ୨୫.୭ ପ୍ରତିଶତ ବୃଦ୍ଧି ପାଇ ୭,୦୨୨ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । କମ୍ପାନୀ ଗତ ବର୍ଷ ସମାନ ସମୟରେ ୫,୫୮୭ କୋଟି ଟଙ୍କାର ନେଟ ଲାଭ ହାସଲ କରିଥିଲା ।

ମାର୍ଚ୍ଚ ୨୦୨୫ ତ୍ରୈମାସିକରେ ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ରାଜସ୍ୱ (ଆରପୁ) ୧୩.୫ ପ୍ରତିଶତ ବୃଦ୍ଧି ପାଇ ୨୦୬.୨ ଟଙ୍କା ହୋଇଛି, ଯାହା ମାର୍ଚ୍ଚ ୨୦୨୪ ତ୍ରୈମାସିକରେ ୧୮୧.୭ ଟଙ୍କା ରହିଥିଲା । ଏହି ତ୍ରୈମାସିକରେ ଜିଓ ୬୧ ଲକ୍ଷରୁ ଅଧିକ ଉପଭୋକ୍ତା ଯୋଡିବା ସହିତ ମାର୍ଚ୍ଚ ୩୧ ସୁଦ୍ଧା ଜିଓର ମୋଟ ଉପଭୋକ୍ତା ସଂଖ୍ୟା ୪୮.୮୨ କୋଟି ରହିଥିଲା । ଜିଓର ୫ଜି ଉପଭୋକ୍ତା ସଂଖ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ୧୯ କୋଟିରୁ ଅଧିକ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ଡାଟା ବ୍ୟବହାର ୩୩.୬ ଜିବି ହୋଇଥିବା ବେଳେ ମୋଟ ଡାଟା ଟ୍ରାଫିକ ଗତ ବର୍ଷ ତୁଳନାରେ ୧୯.୬ ପ୍ରତିଶତ ବୃଦ୍ଧି ପାଇ ଚତୁର୍ଥ ତ୍ରୈମାସିକରେ ୪୮.୯ ବିଲିଅନ ଜିବି ହୋଇଥିବା ଜଣାପଡିଛି ।ମାର୍ଚ୍ଚ ୩୧, ୨୦୨୫ ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ, ଜିଓର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୨ ପ୍ରତିଶତ ବୃଦ୍ଧି ପାଇ ୨୬,୧୨୦ କୋଟି ଟଙ୍କା ହୋଇଛି ଯାହା ପୂର୍ବ ବର୍ଷ ଏହି ଅବଧିରେ ୨୧,୪୩୪ କୋଟି ଟଙ୍କା ଥିଲା । ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଜିଓ ପ୍ଲାଟଫର୍ମସର ପରିଚାଳନାଗତ ରାଜସ୍ୱ ପ୍ରାୟ ୧୭ ପ୍ରତିଶତ ବୃଦ୍ଧି ପାଇ ୧,୨୮,୨୧୮ କୋଟି ଟଙ୍କା ହୋଇଛି ଯାହା ଆର୍ଥିକ ବର୍ଷ ୨୦୨୩-୨୪ ରେ ୧,୦୯,୫୫୮ କୋଟି ଟଙ୍କା ରହିଥିଲା ।

# ବ୍ୟାଙ୍କିଙ୍ଗ ନିୟମ ନମାନିବାରୁ ଆରବିଆଇର ବଡ଼ ଆକ୍ସନ

**ନୂଆଦିଲ୍ଲୀ:** ନିୟାମକ ଅନୁପାଳନ ସମ୍ବନ୍ଧୀୟ ତ୍ରୁଟି ପାଇଁ ବ୍ୟାଙ୍କ ଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଉପରେ ଜରିମାନା । ଇଣ୍ଡିଆନ୍ ବ୍ୟାଙ୍କ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଫାଇନାନ୍ସିଆଲ୍ ସର୍ଭିସେସ୍ ଉପରେ

## ୨ ବ୍ୟାଙ୍କ ଉପରେ ଜରିମାନା

ଜରିମାନା ଲଗାଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ । କେନ୍ଦ୍ରୀୟ ବ୍ୟାଙ୍କ ଶୁକ୍ରବାର ଏହି ସୂଚନା ଦେଇଛି ।

RBI ଅନୁଯାୟୀ, ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନର କିଛି ବ୍ୟବସ୍ଥା ଉଲ୍ଲଂଘନ ଏବଂ 'ଅଗ୍ରୀମ ଉପରେ ସୁଧ ହାର', 'କିଷାନ କ୍ରେଡିଟ୍ କାର୍ଡ ଯୋଜନା' ଏବଂ ଗଝଗର କ୍ଷେତ୍ରକୁ ଋଣ' ସହିତ ଜଡିତ ନିର୍ଦ୍ଦେଶାବଳୀ ପାଳନ ନକରିବା ପାଇଁ ଇଣ୍ଡିଆନ୍ ବ୍ୟାଙ୍କ ଉପରେ ୧.୬୧ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଛି ।

ଏହା ବ୍ୟତୀତ, 'ନନ୍-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ- ସିଷ୍ଟମିକାଲି ଇମ୍ପୋର୍ଟାଣ୍ଟ୍ ନନ୍-ଡିପୋଜିଟ୍ ଟେକିଙ୍ଗ କମ୍ପାନୀ ଏବଂ ଡିପୋଜିଟ୍ ଟେକିଙ୍ଗ କମ୍ପାନୀ (ରିଜର୍ଭ ବ୍ୟାଙ୍କ)




ନିର୍ଦ୍ଦେଶାବଳୀ, ୨୦୧୬' ଏବଂ 'Know Your Costumer' ନିର୍ଦ୍ଦେଶାବଳୀର କିଛି ବ୍ୟବସ୍ଥା ପାଳନ କରିନଥିବାରୁ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ଉପରେ ୭୧.୩୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛି ଜଇଓ ।

ଉଭୟ ମାମଲାରେ, କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ନିୟାମକ ଅନୁପାଳନରେ ତ୍ରୁଟି ଯୋଗୁଁ ଜୋରିମାନା ଲାଗୁ କରାଯାଇଛି । ଜଇଓ କହିଛି ଯେ ଜଳନ୍ଧରସ୍ଥିତ ଇମ୍ପେରିଆଲ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଲାଇସେନ୍ସ ବାତିଲ କରାଯାଇଛି । କାରଣ ବ୍ୟାଙ୍କ ପାଖରେ ପର୍ଯ୍ୟାପ୍ତ ପୁଞ୍ଜି ଏବଂ ରୋଜଗାର ସମ୍ଭାବନା ନାହିଁ । ପଞ୍ଜାବ ସରକାରଙ୍କ ସମବାୟ ସମିତି ନିବନ୍ଧକଙ୍କୁ ମଧ ବ୍ୟାଙ୍କକୁ ବନ୍ଦ କରିବା ପାଇଁ ଏକ ନିର୍ଦ୍ଦେଶ ଜାରି କରିବାକୁ ଏବଂ ବ୍ୟାଙ୍କ ପାଇଁ ଜଣେ ଲିକ୍ୱିଡେଟରଙ୍କୁ ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି ।

ପରିଶୋଧ ପରେ ପ୍ରତ୍ୟେକ ଜମାକାରୀ ଜମା ବୀମା ଏବଂ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେସନ (DICGC)ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ତାଙ୍କ ଜମା ଉପରେ ଜମା ବୀମା ଦାବି ରାଶି ପାଇବାକୁ ହକଦାର ହେବେ । ବ୍ୟାଙ୍କ ଦ୍ୱାରା ଦାଖଲ କରାଯାଇଥିବା ତଥ୍ୟ ଅନୁଯାୟୀ, ଜଇଓ କହିଛି ଯେ ୯୭.୭୯ ପ୍ରତିଶତ ଜମାକାରୀ ଡିଓଡିଏଡରୁ ସେମାନଙ୍କର ଜମାର ସମ୍ପୂର୍ଣ୍ଣ ପରିମାଣ ପାଇବାକୁ ହକଦାର । ଜାନୁଆରୀ ୩୧, ୨୦୨୫ ସୁଦ୍ଧା ଡିଓଡିଏଡ ମୋଟ ବୀମାକୃତ ଜମାରୁ ୫.୪୧ କୋଟି ଟଙ୍କା ପ୍ରଦାନ କରିସାରିଛି ।

# ଆକ୍ସିସ୍ ଫାଇନାନ୍ସ ପକ୍ଷରୁ ଇଡବ୍ଲୁଏସ୍ ଓ ଏଲ୍ଆଇଜି ଗୃହ ଗ୍ରାହକଙ୍କ ପାଇଁ ଦିଶା ଗୃହ ଋଣର ଶୁଭାରମ୍ଭ

**ଭୁବନେଶ୍ୱର:** ଭାରତର ସର୍ବବୃହତ୍ ଦ୍ରୁତ ଅଭିବୃଦ୍ଧିଶୀଳ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଆକ୍ସିସ୍ ଫାଇନାନ୍ସ ଲିମିଟେଡ୍ (ଏଏଫ୍ଏଲ୍) ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ଆକ୍ସିସ୍ ଫାଇନାନ୍ସ ଦିଶା ଗୃହ ଋଣର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ଉତ୍ପାଦର ଲକ୍ଷ୍ୟ ହେଉଛି ଅର୍ଥନୈତିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ୍) ଓ ନିମ୍ନ ଆୟ ବର୍ଗ (ଏଲ୍ଆଇଜି) ବର୍ଗର ଅଭିଳାଷୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା । ଦିଶା ଗୃହ ଋଣର ଲକ୍ଷ୍ୟ ହେଉଛି ବିଭିନ୍ନ ସ୍ଥାନର ସୁହାଇବା ଭଳି ଗୃହ ଋଣ ସମାଧାନ ପ୍ରଦାନ କରିବା ସହିତ ଋଣ ସାରା ଜୀବନଚକ୍ରରେ ଏକ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବା । ଏଥିରେ ଶେଷ୍ଠ ମାନର ପ୍ରତିଭା ଏବଂ ଉନ୍ନତ ବ୍ୟବସ୍ଥା ଜରିଆରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଓ ଦ୍ରୁତ କାର୍ଯ୍ୟକାରୀ କରିବା । ଏହି ଉତ୍ପାଦ ବିଭିନ୍ନ ପ୍ରକାର ନିଯୁକ୍ତି ଯଥା ଆବାସିକ ଓ ପ୍ରବାସୀ ଭାରତୀୟ ବେତନଭୋଗୀ ଏବଂ ସ୍ୱାବଲମ୍ବୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା । ସଂଗଠିତ, ଅର୍ଦ୍ଧ ସଂଗଠିତ ଓ ଅଣ ସଂଗଠିତ ଆୟ କାଗଜପତ୍ର ରଖିଥିବା ବ୍ୟକ୍ତିବିଶେଷ ଓ ଆର୍ଥିକ ସହାୟତା ଚାହୁଁଥିବା ଲୋକଙ୍କ ଆବଶ୍ୟକତାକୁ ଏହା ପୂରଣ କରିବ । ଏହି ଋଣ କିଣିବା ପାଇଁ ପ୍ରସ୍ତୁତ, ଅର୍ଦ୍ଧ ନିର୍ମିତ, ପୁନଃବିକ୍ରି ସମ୍ପତି, ଜମି ସହ ନିର୍ମାଣ, ନିଜସ୍ୱ ନିର୍ମାଣ, ଗୃହ ମରାମତି ଓ ସମ୍ପ୍ରସାରଣ ମିଳିପାରିବ ।




ଆକ୍ସିସ୍ ଫାଇନାନ୍ସର ଏମ୍‌ଡି ଓ ସିଇଓ ସାଇ ଗିରିଧର କହିଛନ୍ତି ଯେ, "ଅକ୍ଷୟ ତୃତୀୟା ଅବସରରେ ଆକ୍ସିସ୍ ଫାଇନାନ୍ସ ଦିଶା ଗୃହ ଋଣର ଶୁଭାରମ୍ଭ ଘର ମାଲିକାନାକୁ ଲୋକଙ୍କ ନିକଟତର କରିବାରେ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଆର୍ଥିକ ଅଭାବକୁ ପୂରଣ କରିବା ଏବଂ ଏକ ଘର ମାଲିକାନା ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ପାଇଁ ଅର୍ଥନୈତିକ ଦୁର୍ବଳ ବର୍ଗର ବକ୍ତିଙ୍କୁ ସଶକ୍ତ କରିବା ହେଉଛି ଏହି ଉତ୍ପାଦର ଲକ୍ଷ୍ୟ । ଏହି ବର୍ଗର ଲୋକମାନଙ୍କ ପାଖରେ ହାଉସିଂ ଫାଇନାନ୍ସ ପହଂଚାଇବାରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ନିରନ୍ତର ଉଦ୍ୟମ ଅନୁସାରେ ଦିଶା ଗୃହ ଋଣ ବିଭିନ୍ନ ଅଂଚଳର ଗ୍ରାହକମାନଙ୍କ ବିବିଧ ଆବଶ୍ୟକତା ପୂରଣ କରିବା ଲାଗି ବ୍ୟାପକ ସମାଧାନ ପ୍ରଦାନ କରିବ ।" ସେ କହିଛନ୍ତି ଯେ, "ଆମ କାର୍ଯ୍ୟରେ ଉତ୍କୃଷ୍ଟ ସେବା ଓ ସ୍ୱଚ୍ଛତା ସହିତ ଗ୍ରାହକମାନେ ଚାହୁଁଥିବା ସମାଧାନ ପ୍ରଦାନ କରିବା ଲାଗି ଆମେ ଲକ୍ଷ୍ୟ ରଖିଛୁ । ଦେଶର ବିଭିନ୍ନ ବଜାରରେ ପ୍ରବେଶ କରୁଥିବା ବେଳେ ପ୍ରଯୁକ୍ତି ଓ ଡାଟା ସାଇନ୍ସ ହେଉଛି ଆମର ମେରୁଦଣ୍ଡ । ନିରବଚ୍ଛିନ୍ନ ଅନୁଭୂତି ସହିତ ହାଉସିଂ ଫାଇନାନ୍ସ ପହଂଚାଇବା ଉପରେ ଆମେ ଗୁରୁତ୍ୱ ଦେଉଛୁ ।" ପ୍ରଚଳିତ ବ୍ୟବସ୍ଥା, ପ୍ରକ୍ରିୟା, ପ୍ରଯୁକ୍ତି, ପ୍ରତିଭା, ଅଣ୍ଡରରାଇଟିଂ ଦକ୍ଷତା ଓ ଏକ ଦୃଢ଼ ବଂଟନ ବ୍ୟବସ୍ଥା ସହିତ ସିକ୍ୟୁରଡ୍ ବନ୍ଧକ ଉତ୍ପାଦ ଜରିଆରେ ଆକ୍ସିସ୍ ଫାଇନାନ୍ସର ଲମ୍ବା ଓ ସଫଳତା ଉପସ୍ଥିତି ରହିଛି ।

# ପହିଲାରୁ ଏଟିଏମ୍ ଉଠାଣ ହେବ ମହଙ୍ଗା




**ନୂଆଦିଲ୍ଲୀ:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ମେ' ୧ରୁ ଲାଗୁ ହେବାକୁ ଯାଉଛି ନୂଆ ଏଟିଏମ୍ ଟ୍ରାଞ୍ଜାକ୍ସନ ନିୟମ । ନୂଆ ନିୟମ ଲାଗୁ ହେବା ଦ୍ୱାରା ଏଟିଏମ୍‌ରୁ ନଗଦ ଉଠାଣ ମହଙ୍ଗା ହୋଇଯିବ । ମାଗଣା ଟ୍ରାଞ୍ଜାକ୍ସନ ପରେ ଅତିରିକ୍ତ ଦେୟ ଦେବାକୁ ପଡ଼ିବ ।

ନୂଆ ନିୟମ ଅନୁସାରେ, ଗ୍ରାହକ ପ୍ରତି ମାସରେ ନିର୍ଦ୍ଦିଷ୍ଟ ସଂଖ୍ୟକ ମାଗଣା ଏଟିଏମ୍ ଟ୍ରାଞ୍ଜାକ୍ସନ ସୁବିଧା ପାଇବେ । ସମସ୍ତ ସଞ୍ଚୟ ଖାତାଧାରୀଙ୍କୁ ପ୍ରତିମାସ ନିଜ ବ୍ୟାଙ୍କ ଏଟିଏମ୍‌ରୁ ୫ଟି ମାଗଣା ଟ୍ରାଞ୍ଜାକ୍ସନ ସୁବିଧା ମିଳିବ । ଏହା ଉଭୟ ମେଟ୍ରୋ ଏବଂ ଅଣ-ମେଟ୍ରୋ ସହରଗୁଡ଼ିକ ପାଇଁ ଉଦ୍ଦିଷ୍ଟ । ଏଥିରେ ବିତ୍ତୀୟ ଏବଂ ଅଣବିତ୍ତୀୟ କାରବାର ଯେପରି ନଗଦ ଉଠାଣ, ବାଲାନ୍ସ ଚେକ୍ କରିବା, ପିନ୍ ବଦଳାଇବା, ମିନି ଷ୍ଟେଟ୍ ?ମେଣ୍ଟ ବାହାର କରିବା ଆଦି ଅନ୍ତର୍ଭୁକ୍ତ । ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ଟ୍ରାଞ୍ଜାକ୍ସନ କରିବାବେଳେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ହାଇଦ୍ରାବାଦ, ବେଙ୍ଗାଲୁରୁ ଭଳି ମେଟ୍ରୋ ସହରଗୁଡ଼ିକରେ ୩ଟି ମାଗଣା ଟ୍ରାଞ୍ଜାକ୍ସନ ସୁବିଧା ମିଳିବ ।

ଅଣ-ମେଟ୍ରୋ ସହରଗୁଡ଼ିକରେ ଗ୍ରାହକ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରେ ୫ଟି ମାଗଣା ଟ୍ରାଞ୍ଜାକ୍ସନ ସୁବିଧା ପାଇବେ । ପରିବର୍ତ୍ତିତ ମାର୍ଗଦର୍ଶିକା ଅନୁସାରେ, ମାଗଣା ଟ୍ରାଞ୍ଜାକ୍ସନ ପରେ ପ୍ରତି ଟ୍ରାଞ୍ଜାକ୍ସନ ପିଛା ଗ୍ରାହକ ୨୩ ଟଙ୍କାର ଶୁଳ୍କ ଗଣିବେ, ଯାହା ବର୍ତ୍ତମାନ ୨୧ ଟଙ୍କା ରହିଛି । ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ, ପିଏନ୍‌ବି ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କ ସମେତ ବଡ଼ ବଡ଼ ବ୍ୟାଙ୍କଗୁଡ଼ିକ ନିଜ ଗ୍ରାହକଙ୍କୁ ନୂଆ ମାର୍ଗଦର୍ଶିକା ନେଇ ସୂଚିତ କରାଉଛନ୍ତି । ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସ୍ପଷ୍ଟ କରିଛି ଯେ, ଏହାର ଏଟିଏମ୍‌ରେ କେବଳ ନଗଦ ଉଠାଣ କ୍ଷେତ୍ରରେ ମାଗଣା ଟ୍ରାଞ୍ଜାକ୍ସନ ସୀମା ପରେ ପ୍ରତି ଟ୍ରାଞ୍ଜାକ୍ସନ ପିଛା ଦେୟ ଦେବାକୁ ପଡ଼ିବ । ଅଣବିତ୍ତୀୟ ଟ୍ରାଞ୍ଜାକ୍ସନ ମାଗଣା ରହିବ ।

# ଇନଫୋସିସ୍‌ରୁ ଆଉ ବାହାରିଲେ ଆଉ ୧୯୫ ଜଣ ଟ୍ରେନି

**ମୈସୁର:** ଦେଶର ଦିଗ୍ଗଜ ଆଇଟି କମ୍ପାନୀ ଇନଫୋସିସ୍ ରୁ ଟ୍ରେନିଙ୍କ ଛଟେଇ ଥମୁନି । କମ୍ପାନୀ ପୁଣି ଥରେ ଏକ ବଡ଼ ନିଷ୍ପତ୍ତି ନେଇଛି ଓ ଏହି ନିଷ୍ପତ୍ତି ଅନୁସାରେ କମ୍ପାନୀର ଇଣ୍ଟରନାଲ ଆସେସମେଣ୍ଟରେ ଫେଲ ହୋଇଥିବା ମୈସୁର କ୍ୟାମ୍ପସରୁ ୧୯୫ ଜଣ ଟ୍ରେନିଙ୍କୁ ବିଦା କରି ଦିଆଯାଇଛି । କମ୍ପାନୀ ଇ-ମେଲ ମାଧ୍ୟମରେ ଏହି ଲେ ଅଫର ସୂଚନା ଦେଇଛି । ଚଳିତମାସ ପ୍ରାରମ୍ଭରେ କମ୍ପାନୀ ୨୪୦ ଟ୍ରେନିଙ୍କୁ କାମରୁ ବାହାର କରିଦେଇଥିଲା ।

କମ୍ପାନୀ ବାହାର କରିଥିବା ଟ୍ରେନିମାନଙ୍କୁ ଏନଆଇଆଇଟି ଓ ଅପଗ୍ରେଡେସନ ସହିତ ଟ୍ରେନିଂ କୋର୍ସ ଅଫର କରିଛି । ଏ ବାବଦ ସମସ୍ତ ବ୍ୟୟ କମ୍ପାନୀ ନିଜେ ବହନ କରିବ । ଏହିକାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ୨୫୦ ଜଣ ଟ୍ରେନି ଅପଗ୍ରେଡ ସହିତ ଏନଆଇଆଇଟିରୁ ଟ୍ରେନିଂ ସମାପ୍ତ କରିଛନ୍ତି । ଏମାନଙ୍କ ମଧ୍ୟରୁ ୧୫୦ ଜଣ ଆଉଟ୍ ପ୍ଲେସମେଣ୍ଟ ପାଇଁ ରେଜିଷ୍ଟ୍ରେସନ କରାଇଛନ୍ତି । ଟ୍ରେନିଙ୍କୁ ଚାକିରୀରୁ ବାହାର କରିବା ପାଇଁ କମ୍ପାନୀ ଦ୍ୱିତୀୟ ପର୍ଯ୍ୟାୟ କାଳରେ ଏନଆଇଆଇଟି ଓ ଅପଗ୍ରେଡ ସହିତ ଟ୍ରେନିଂ କୋର୍ସ ଅଫର କରିଥିଲା ।




କମ୍ପାନୀ ବିଜନେସ୍ ପ୍ରୋସେସ ମ୍ୟାନେଜମେଣ୍ଟ (ବିପିଏମ) ଇଣ୍ଡଷ୍ଟ୍ରିରେ ସମ୍ଭାବିତ ଭୂମିକା ଲାଗି ଗୋଟିଏ ମାସର ବେତନ, ଆଉଟ୍ ପ୍ଲେସମେଣ୍ଟ ସର୍ଭିସେସ, ୧୨ ସପ୍ତାହର ଟ୍ରେନିଂ ପ୍ରୋଗ୍ରାମ ଅଥବା ଆଇଟି କ୍ୟାରିୟ ରୁଟ ନିମନ୍ତେ ଆଇଟି ବେସିକ୍ ପ୍ରିନ୍ସପଲ ଉପରେ ୨୪ସପ୍ତାହର ଟ୍ରେନିଂ ପ୍ରୋଗ୍ରାମ ଅଫର କରୁଛି ।

୨୦୨୫ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୧୫ ହଜାର ଟ୍ରେନିଙ୍କୁ ନିଯୁକ୍ତ କରିଥିଲା । ତେବେ ଟ୍ରେନିଂ କାଳରେ ଇଭାଲ୍ୟୁଏସନରେ ଅସଫଳ ହୋଇଥିବା ଟ୍ରେନିଙ୍କ ସଂଖ୍ୟା ବୃଦ୍ଧି ଯୋଗୁ କମ୍ପାନୀକୁ ଏହି ପଦକ୍ଷେପ ନେବାକୁ ପଡୁଛି । ଚଳିତବର୍ଷ ଫେବୃଆରୀରୁ ଏ ପର୍ଯ୍ୟନ୍ୟ ୮୦୦ ଟ୍ରେନିଙ୍କୁ ବାହାର କରାଗଲାଣି । ଏହି ଟ୍ରେନିମାନେ କମ୍ପାନୀର ଇଣ୍ଟରନାଲ ଆସେସମେଣ୍ଟକୁ ୩ ଥର ଉଦ୍ୟମ ପରେ ବି ଉତୀର୍ଣ୍ଣ ହୋଇ ପାରିନଥିଲେ । ଏଣୁ କମ୍ପାନୀ ଫେବୃଆରୀ ମାସରେ ପ୍ରଥମ ଥର ୩୨୦ ଜଣ ଟ୍ରେନିଙ୍କୁ ବାହାର କରିଦେଇଥିଲା । ଏହା ପରେ କମ୍ପାନୀ ୨୪୦ ଟ୍ରେନିଙ୍କୁ ବାହାର କରିଥିବା ବେଳେ ଏବେ ୧୯୫ ଜଣଙ୍କୁ ବାହାର କରିଛି । ତେବେ କମ୍ପାନୀ ଏହି ଯୁବ ବର୍ଗଙ୍କୁ ମାଗଣାରେ ନୂଆ ସ୍କିଲସ୍ ଶିଖିବାକୁ ସୁଯୋଗ ଦେଇଛି, ଯାହା ଦ୍ୱାରା ସେମାନେ ଭଲ ଚାକିରୀ ପାଇ ପାରିବେ ।

# ପରିବାର ସ୍ୱାସ୍ଥ୍ୟ ପ୍ରତି ବିପଦ ସହ ମଶା ସମସ୍ୟାକୁ ଯୋଡ଼ିଛନ୍ତି ୮୭% ଭାରତୀୟ: ଗୁଡ୍‌ନାଇଟ୍ ସର୍ଭେ

**ଭୁବନେଶ୍ୱର:** ୮୭ ପ୍ରତିଶତ ଭାରତୀୟ ଭାବୁଛନ୍ତିରେ ନିଦ୍ରାରେ ବିଭ୍ରାଟ, ବିଶେଷ କରି ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣକୁ ସିଧାସଳଖ ଭାବେ ପ୍ରଭାବିତ କରଛି । ଚଳିତ ବିଶ୍ୱ ମ୍ୟାଲେରିଆ ଦିବସ ପରିପ୍ରେକ୍ଷୀରେ ଗୋଦରେଜ୍ କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିପିସିଏଲ୍)ର ପ୍ରମୁଖ ମଶା ଘଉଡ଼ାଇବା ବ୍ରାଣ୍ଡ୍ ଗୁଡ୍‌ନାଇଟ୍ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । "ଗୋଟିଏ ମଶା ଅଗଣିତ ବିପଦ" ଶୀର୍ଷକ ଏହି ସର୍ବେକ୍ଷଣକୁ ଗୁଡ୍‌ନାଇଟ୍ ଓ ୟୁଗଭ୍ ନାମକ ଗବେଷଣା ସଂସ୍ଥା ଦ୍ୱାରା ମିଳିତ ଭାବେ କରାଯାଇଥିଲା । ଉତର,ପୂର୍ବ ଓ ପଶ୍ଚିମ ଭାରତର ୮୭ ପ୍ରତିଶତ ଓ ଦକ୍ଷିଣ ଭାରତର ୮୬ ପ୍ରତିଶତ ଲୋକ ସମାନ ମତ ଦେଇଥିଲେ । ଭାରତରେ ନିଦ୍ରାରୁ ବଂଚିତ ହେବା ଘର ଘରର ସମସ୍ୟାରେ ପରିତ ହୋଇଥିବା ବେଳେ ପ୍ରାପ୍ତବୟସ୍କମାନେ ପ୍ରତି ରାତିରେ ୨ ଘଂଟା ପର୍ଯ୍ୟନ୍ତର ନିଦ ହରାଉଥିବା ବେଳେ ଶିଶୁମାନେ ପ୍ରସ୍ତାବିତ ସମୟଠାରୁ ପ୍ରାୟ ୪ ଘଂଟା ହରାଉଛନ୍ତି । ନିଦ୍ରାର ଏହି ନିରନ୍ତର ଅଭାବ ପ୍ରଭାବରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେଉଥିବା ବେଳେ ଚାପ ସ୍ତର ବଢୁଛି ଏବଂ ସଂକ୍ରମଣ ସମ୍ଭାବନା ସହିତ ମାଲେରିଆ ଓ ଡେଙ୍ଗୁ ଭଳି ମଶାବାହିତ ରୋଗ ବଢ଼ିବା ଆଶଙ୍କା ଦେଖାଦେଉଛି । ଭାରତରେ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ନିଦ୍ରାରେ ବିଭ୍ରାଟର ଅନ୍ୟତମ କାରଣ ହେଉଛି ମଶା । ପ୍ରାୟ ୬୦ ପ୍ରତିଶତ ଲୋକ ନିଦ ଭାଙ୍ଗିବାର କାରଣ ମଶା ବୋଲି କହିଛନ୍ତି । ପିଲାମାନଙ୍କ କ୍ଷେତ୍ରରେ ପ୍ରଭାବ ଆହୁରି ଜଟିଳ ରହିଛି । ମଶା କାମୁଡ଼ିବା ଓ ବାରମ୍ବାର ଗୁଣୁଗୁଣୁ ହେବା ନିଦରେ ବିଭ୍ରାଟର ଅନ୍ୟତମ କାରଣ ବୋଲି ଅଭିଭାବକମାନେ କହିଛନ୍ତି । ସେଥିପାଇଁ ସେମାନଙ୍କଠାରେ ଅସୁସ୍ଥତା ଦେଖାଦେଉଥିବା ବେଳେ ପାଠପଢ଼ାରେ ଚାପ ରହୁଛି । ଗୋଦରେଜ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ (ଜିସିପିଏଲ୍)ର ଭାରତ ମୁଖ୍ୟ ମାର୍କେଟିଂ ଅଫିସର ଅଶ୍ୱିନ ମୂର୍ତି କହିଛନ୍ତି ଯେ, "ଗୁଡନାଇଟର "ଗୋଟିଏ ମଶା, ଅଗଣିତ ବିପଦ" ହେଉଛି ଏକ ଦେଶବ୍ୟାପୀ ସର୍ବେକ୍ଷଣ ରିପୋର୍ଟ ଯେଉଁଥିରେ ଜନସାଧାରଣଙ୍କ ମନୋଭାବ ଉପରେ ଆଲୋକପାତ କରାଯାଇ ମଶାବାହିତ ରୋଗ ସହ ଜଡ଼ିତ ବିପଦର ଆକଳନ କରାଯାଇଛି ।

# ବନ୍ଧନ ବ୍ୟାଙ୍କ ପକ୍ଷରୁ ଓଡ଼ିଶାରେ ୭ ନୂଆ ଶାଖା ସହ ୫ ରାଜ୍ୟରେ ୧୬ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର:** ବନ୍ଧନ ବ୍ୟାଙ୍କ ପକ୍ଷରୁ ଓଡ଼ିଶାରେ ୭ଟି ନୂଆ ଶାଖା ଖୋଲାଯାଇଥିବା ଘୋଷଣା କରାଯାଇଛି । ବ୍ୟାଙ୍କ ପକ୍ଷରୁ ୫ଟି ରାଜ୍ୟରେ ୧୬ଟି ନୂଆ ଶାଖା କୋଲାଯାଇଛି । ସେଥିରୁ ବିହାର ଓ ଝାଡ଼ଖଣ୍ଡରେ ତିନିଟି ଲେଖାଏଁ, ଆନ୍ଧ୍ରପ୍ରଦେଶରେ ଦୁଇଟି ଓ ଛତିଶଗଡ଼ରେ ଗୋଟିଏ ଶାଖା ଖୋଲାଯାଇଛି । ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଶ୍ରୀ ପାର୍ଥ ପ୍ରତୀମ ସେନଗୁପ୍ତା, ଇଡି ଓ ସିବିଓ ଶ୍ରୀ ରାଜିନ୍ଦର କୁମାର ବବର, ଇଡି ଓ ସିଓଓ ଶ୍ରୀ ରତନ କୁମାର କେଶ ଉଦ୍‌ଘାଟନ କରିଥିବା ବେଳେ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଓଡ଼ିଶାର ସୁନ୍ଦରଗଡ଼ର ବିର୍ସା, ବଣାଇଗଡ଼ ଓ ହେମଗିରି, କନ୍ଧମାଳର ଜି ଉଦୟଗିରି, କୋରାପୁଟ କୋଟପାଡ ଓ ସେମିଳିଗୁଡ଼ା ଏବଂ ନବରଙ୍ଗପୁରର ଉମରକୋଟରେ ନୂଆ ଶାଖାଗୁଡ଼ିକ ଖୋଲାଯାଇଛି । ରାଜ୍ୟର ନୂଆ ଶାଖାଗୁଡ଼ିକ ଅର୍ଧ ସହରାଂଚଳରେ ସେବା ପ୍ରଦାନ କରିବ । ସର୍ବଭାରତୀୟ ସ୍ତରରେ ନିଜ ଉପସ୍ଥିତି ସୁଦୃଢ଼ କରିବା ଓ ବିବିଧତା ଆଣିବା ପାଇଁ ବ୍ୟାଙ୍କର ରହିଥିବା ପ୍ରତିବଦ୍ଧତା ଅନୁସାରେ ଶାଖା ନେଟ୍‌ୱର୍କ ସମ୍ପ୍ରସାରଣ କରାଯାଇଛି । ବ୍ୟାଙ୍କ ଉପସ୍ଥିତିକୁ ବଢ଼ାଇବା ପାଇଁ ବ୍ୟାଙ୍କ ଗ୍ରାହକମାନଙ୍କ ନିକଟରେ ଅଭିନବ ବ୍ୟାଙ୍କିଙ୍ଗ ସମାଧାନ ପହଂଚାଇବାରେ ଉନ୍ନତି ଆଣିଛି । ୫ଟି ରାଜ୍ୟରେ ୧୬ଟି ନୂଆ ଶାଖାର ଶୁଭାରମ୍ଭ ସହିତ ବନ୍ଧନ ବ୍ୟାଙ୍କ ଦେଶରେ ଏହାର ମୋଟ ୧୭୩୦ ଶାଖାରେ ପହଞ୍ଚିଛି । ସାରା ଭାରତରେ ୬୩୦୦ରୁ ଅଧିକ ବ୍ୟାଙ୍କିଙ୍ଗ ଆଉଟ୍‌ଲେଟ୍ ଦୃଢ଼ ନେଟ୍‌ୱର୍କ ଜରିଆରେ ଏହାର ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବ ।

ଏହି ଅବସରରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଶ୍ରୀ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି ଯେ, "ପାଂଚଟି ରାଜ୍ୟରେ ୧୬ଟି ନୂଆ ଶାଖା ଖୋଲିବା ଘୋଷଣା କରି ଆମେ ଉଲ୍ଲସିତ, ଯେଉଁଥିରୁ ୭ଟି ଶାଖା ଓଡ଼ିଶାରେ ଖୋଲାଯାଇଛି । ଆମ ଗ୍ରାହକମାନଙ୍କ ବିବିଧ ଓ ଉଦୀୟମାନ ଆବଶ୍ୟକତାକୁ ଆମ ସ୍ୱତନ୍ତ୍ର ଉତ୍ପାଦ ଓ ସେବା ଜରିଆରେ ଉତ୍କୃଷ୍ଟ ଗ୍ରାହକ ସେବା ଅନୁଭୂତି ପ୍ରଦାନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ । ଆମ ବଂଟନ ନେଟ୍‌ୱର୍କକୁ ସୁଦୃଢ଼ କରିବାରେ ଆମ ସର୍ମପଣର ଏହି ସମ୍ପ୍ରସାରଣ ହେଉଛି ପ୍ରତିଫଳନ ଯାହା ଆମକୁ ଗ୍ରାହକମାନଙ୍କୁ ଅଧିକ ଦକ୍ଷତା ଓ ପ୍ରଭାବୀ ସେବା ପ୍ରଦାନ କରିବାରେ ଆମକୁ ସକ୍ଷମ କରିବ । ସର୍ବଭାରତୀୟ ସ୍ତରରେ ଆମ ଉପସ୍ଥିତି ବଢ଼ାଇବା ପାଇଁ ଆମେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସନ୍ଧାନ କରିବା ଜାରି ରଖିବୁ ଏବଂ ସ୍ଥାୟୀ ଅଭିବୃଦ୍ଧି ଉପରେ ଦୃଢ଼ ଗୁରୁତ୍ୱ ବଜାୟ ରଖିବୁ । ଆମର ଲକ୍ଷ୍ୟ ହେଉଛି ଅଭିନବ ଓ ଗ୍ରହଣୀୟ ସମାଧାନ ପ୍ରଦାନ କରିବା ଯାହା ଆମେ ସେବା ପ୍ରଦାନ କରୁଥିବା ପରିବର୍ତ୍ତିତ ଆକାଂକ୍ଷା ସହିତ ସମନ୍ୱିତ ରହିବ ।"

ବନ୍ଧନ ବ୍ୟାଙ୍କର ବର୍ତ୍ତମାନ ଦେଶର ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ୩୫ଟିରେ ଏହାର ଉପସ୍ଥିତି ସମ୍ପ୍ରସାରଣ କରୁଛି ।

## ଆସିବ ୟୁନିଫାଏଡ ଡିଜିଟାଲ ଆଇଡେଣ୍ଟିଟି ସିଷ୍ଟମ

**ନୂଆଦିଲ୍ଲୀ :** ଆଧାର, ପାନ୍, ଭୋଟର ଆଇଡି ଏବଂ ଡ୍ରାଇଭିଂ ଲାଇସେନ୍ସ ଆଦିରେ ନାମ, ଠିକଣା, ମୋବାଇଲ ନମ୍ବର ବଦଳାଇବା ଲାଗି ଲୋକଙ୍କୁ ଏବେ ଭିନ୍ନ ଭିନ୍ନ ଅଫିସ୍ ଦୌଡିବାକୁ ପଡିବନି । ୟୁନିଫାଏଡ ଡିଜିଟାଲ ଆଇଡେଣ୍ଟିଟି ସିଷ୍ଟମ ଲାଗୁ କରିବା ଲାଗି ସରକାର ଏବେ ପ୍ରସ୍ତୁତି କରୁଛନ୍ତି । ଏଥିଲାଗି ସ୍ୱତନ୍ତ୍ର ପୋର୍ଟାଲ ପ୍ରସ୍ତୁତ କରାଯାଉଛି । ଏଠାରେ ଗୋଟିଏ ସ୍ଥାନରେ ଲୋକମାନେ ଠିକଣା,ନମ୍ବର ବଦଳାଇ ପାରିବେ । ସମସ୍ତ ଆବଶ୍ୟକୀୟ ପରିଚୟପତ୍ର ଏହା ଦ୍ୱାରା ସିଧାସଳଖ ଅପ୍‌ଡେଟ ହୋଇଯିବ । ଏହି ପୋର୍ଟାଲକୁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଉଛି । ଏଥିରେ ଆଧାର, ପାନ୍, ଡ୍ରାଇଭିଂ ଲାଇସେନ୍ସ ଏବଂ ପାସ୍‌ପୋର୍ଟ ଭଳି ସମସ୍ତ ପରିଚୟପତ୍ରଗୁଡ଼ିକ ଏକାସହ ସଂଯୋଗ ରହିବ । ଅପ୍‌ଡେଟ୍ ଲାଗି ପୋର୍ଟାଲକୁ ଯାଇ ବିକଳ୍ପ ଚୟନ କରିବାକୁ ପଡ଼ିବ । ମୋବାଇଲ ନମ୍ବର, ଠିକଣା ଭଳି ଭିନ୍ନ ଭିନ୍ନ ବିକଳ୍ପକୁ ଲୋକେ ବାଛିବେ । ଏ ସମ୍ପର୍କିତ ଦସ୍ତାବିଜ ଅପ୍‌ଲୋଡ୍ କରିବାକୁ ହେବ । ସମସ୍ତ ଦସ୍ତାବିଜ ଗୁଡ଼ିକରେ ପରିବର୍ତ୍ତନ ୩ ଦିନରେ ହୋଇଯିବ । ପରିବର୍ତ୍ତନ ପରେ ନୂଆ ପରିଚୟପତ୍ର ହାସଲ କରିବା ଲାଗି ଏହି ପୋର୍ଟାଲରେ ଏକ ବିକଳ୍ପ ରହିବ । ଏଥିଲାଗି ପୋର୍ଟାଲରେ ଶୁଳ୍କ ଦେବା ସହ ଆବେଦନ କରିବାକୁ ହେବ । ୭ କାର୍ଯ୍ୟ ଦିବସରେ ଅପଡେଟ ସହ ପରିଚୟପତ୍ର ଡାକ ଜରିଆରେ ଲୋକଙ୍କ ଘରେ ପହଞ୍ଚିଯିବ । ଯେଉଁମାନେ କାର୍ଯ୍ୟାଳୟ ଯାଇ ପରିଚୟପତ୍ର ନେବାକୁ ଚାହୁଁଛନ୍ତି ସେଥିଲାଗି ମଧ ବିକଳ୍ପ ରହିବ । ବିକଳ୍ପ ଚୟନ କରିବା ପରେ ମୋବାଇଲରେ ଅପଡେଟ ପରିଚୟ ପତ୍ର ପାଇବା ଲାଗି ଦିନ ଏବଂ ସମୟ ସମ୍ପର୍କରେ ଜଣାପଡ଼ିବ ।

# ସୃଜନଶୀଳତା ଓ ପ୍ରଗତିର ଭାବନା ନେଇ ନବସୃଜନ ଦିବସ ପାଳନ କଲା ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର:** ସୃଜନଶୀଳତା, ସହଯୋଗ ଓ ନିରନ୍ତର ଉଦ୍ଭାବନର ସଂସ୍କୃତିକୁ ପ୍ରୋତ୍ସାହିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ବ୍ରହ୍ମପୁରସ୍ଥିତ ନିଜର କର୍ପୋରେଟ୍ କାର୍ଯ୍ୟାଳୟରେ ବିଶ୍ୱ ନବସୃଜନ ଦିବସ-୨୦୨୫ ପାଳନ କରିଛି । 'ଟିଆଣ୍ଡଡି ଇନୋଭେସନ୍ କାର୍ନିଭାଲ୍' ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଉଦଘାଟନ କରିଥିବା ବେଳେ ଏହି ଅବସରରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର ନେଟ୍‌ୱର୍କ ଇଞ୍ଜିନିୟରିଂ ଆଣ୍ଡ ପ୍ଲାନିଂ(ଏନଇପି), ସୁରକ୍ଷା, ଅପରେସନ୍, ଟେକ୍ନୋଲୋଜି ଓ ବାଣିଜ୍ୟ ଭଳି ବିଭିନ୍ନ ବିଭାଗ ପକ୍ଷରୁ ଅଭିନବ ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀମାନେ ନିଜର ସୃଜନଶୀଳ ଚେତନାକୁ ପରସ୍ପର ମଧ୍ୟରେ ବାଣ୍ଟିବା ସହ ଶକ୍ତି ତଥା ବିଜୁଳି ଯୋଗାଣ କ୍ଷେତ୍ର କିଭଳି ଅଧିକ ସୁଦୃଢ଼ ହୋଇପାରିବ ସେନେଇ ବିଚାରବିମର୍ଶ କରିଥିଲେ ।

ଦଳଗତ ପ୍ରଦର୍ଶନ, ଅଭିନବ ଉଦ୍ୟମ ଓ ନିରନ୍ତର ପ୍ରଗତି ନିମନ୍ତେ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ୟାନେଲ ଅଧିବେଶନ ସହ ଶକ୍ତି ବିଭାଗର ଅନେକ ପ୍ରମୁଖ ପ୍ରସଙ୍ଗ ଉପରେ ବିସ୍ତୃତରେ ଆଲୋଚନା ହୋଇଥିଲା । କିଭଳି ଭାବେ ସୃଜନଶୀଳତାକୁ ବ୍ୟାବହାରିକ ଜ୍ଞାନକୌଶଳରେ ପରିଣତ କରାଯାଇପାରିବ ସେନେଇ ବରିଷ୍ଠ ଅଧିକାରୀମାନେ ମତପୋଷଣ କରିଥିଲେ ।

ସ୍ମାର୍ଟ ଅଟୋମେସନ୍ କଣ୍ଟ୍ରୋଲର, ସ୍କାଡା ସିଷ୍ଟମର ଉନ୍ନତ ବ୍ୟବହାର, ଲୋ ଟେନସନ୍ (ଏଲ୍ଟି) ଅଟୋମେସନ୍ ଏବଂ ବିଦ୍ୟୁତ୍ ସମସ୍ୟାକୁ ଏଡ଼ାଇବା ପାଇଁ ନୂତନ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ଦେଖିବାକୁ ମିଳିଥିଲା । ଏହି ପଦକ୍ଷେପଗୁଡିକୁ ଆଗାମୀ ଦିନରେ ବାସ୍ତବତାର ରୂପ ଦିଆଯିବ,



ଯାହାଫଳରେ ଉପଭୋକ୍ତାଙ୍କୁ ଅଧିକ ଭରସାଯୋଗ୍ୟ ବିଜୁଳି ଯୋଗାଣ ସମ୍ଭବ ହେବ ।

ସୁରକ୍ଷିତ ତଥା ଗୁଣାତ୍ମକ ବିଜୁଳି ଯୋଗାଣ ଟିପିଏସ୍‌ଓଡିଏଲର ମୂଳ ଲକ୍ଷ୍ୟ । ସ୍କାଡା, ଜିଆଇଏସ୍ ଓ ସ୍ମାର୍ଟ ଆଇସୋଲସନ୍ ସିଷ୍ଟମ୍ ଭଳି ଜ୍ଞାନକୌଶଳ ଗ୍ରହଣ କରି କମ୍ପାନୀ ବିଜୁଳି ଯୋଗାଣ କ୍ଷେତ୍ରକୁ ଅଧିକ ସଶକ୍ତ କରିପାରିଛି । ଟିପିଏସ୍‌ଓଡିଏଲ୍ ଓଡ଼ିଶା ପ୍ରଥମ ବିଜୁଳି ଯୋଗାଣ କମ୍ପାନୀ ଭାବରେ ନିଜର ସମସ୍ତ ସର୍କଲରେ ସ୍କାଡା ପରିଚାଳିତ ଏପିଏସସିସି ସ୍ଥାପନ କରିଛି, ଯାହା ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଅଧିକ ସହଜ କରିପାରିଛି । ସେହିଭଳି ଜିଆଇଏସ୍, ସ୍କାଡା ଓ ଏଡିଏମଏସର ଏକୀକରଣ, ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା ଓ ମୋବାଇଲ୍ ଟ୍ରାନ୍ସଫର୍ମର ଇତ୍ୟାଦି କମ୍ପାନୀର ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିଛି ।

ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ଟିପିଏସ୍‌ଓଡିଏଲ୍ ସଦାସର୍ବଦା ଅଭିନବତା ତଥା ସୃଜନଶୀଳତାକୁ ପ୍ରୋତ୍ସାହିତ କରିଆସୁଛି । ଏହା ଉପଭୋକ୍ତାମାନଙ୍କୁ ଉନ୍ନତ ସେବା ପ୍ରଦାନରେ ସହାୟକ ହୋଇପାରିଛି । ଶକ୍ତି କ୍ଷେତ୍ରରେ ପ୍ରଗତି କରିବାକୁ ହେଲେ ଓ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ପ୍ରଦାନ କରିବାକୁ ହେଲେ ଅଭିନବ ଉଦ୍ୟମ କରିବା ଏକାନ୍ତ ଆବଶ୍ୟକ । କମ୍ପାନୀର କର୍ମଚାରୀମାନେ ସଦାସର୍ବଦ କିଛି ନୂଆ କରିବାର ପ୍ରୟାସ କରୁଛନ୍ତି ଯାହା ମୋତେ ସନ୍ତୁଷ୍ଟି ଦେଉଛି । ଆମେ ସମସ୍ତେ ଏକତ୍ରୀତ ହୋଇ ଶକ୍ତି କ୍ଷେତ୍ରକୁ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ଆଡ଼କୁ ଅଗ୍ରସର କରାଇବାକୁ ପ୍ରଚେଷ୍ଟା କରୁଛୁ ।"

ମାତୃଭାଷା



### ଜିଲ୍ଲାସ୍ତରୀୟ ରବି ରତୁ ଧାନ ସଂଗ୍ରହ କମିଟି ବୈଠକ

# ମଇ ୨୦ରୁ ଆରମ୍ଭ ହେବ ଧାନ ମଣ୍ଡି, ଚାଷୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ

**ରାୟଗଡ଼ା (ମାନିସ) :** ଆସନ୍ତା ମଇ ମାସ ୨୦ତାରିଖରୁ ରାୟଗଡା ଜିଲ୍ଲାରେ ଖୋଲିବ ରବି ରତୁ ଧାନ ମଣ୍ଡି । ଏ ନେଇ ମଙ୍ଗଳବାର ଦିନ ଜିଲ୍ଲାସ୍ତରୀୟ ରବି ରତୁ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାୟଗଡ଼ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ସାଂସଦ ଶ୍ରୀଯୁକ୍ତ ସପ୍ତଗିରି ଉଲାକା, ରାୟଗଡା ବିଧାୟକ କାଡ୍ରାକା ଆପାଲସ୍ୱାମୀ, ବିଷମ କଟକ ବିଧାୟକ, ନୀଳମାଧବ ହିକକା, ସିଡିଓ ତଥା ଇଓ ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ବେସାମାରିକ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କରଙ୍କ ସମେତ ଚାଷୀପ୍ରତିନିଧି, ଉପ-ନିବନ୍ଧକ, ସମବାୟ ସମିତି ଓ ଅନ୍ୟମାନେ ଯୋଗ ଦେଇଥିଲେ । ଚଳିତ ରବି ରତୁରେ ୮ହଜାର ୮୯୦ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୫୦୩ ଜଣ ପଂଜୀକୃତ ଚାଷୀଙ୍କଠାରୁ ଧାନ




ସଂଗ୍ରହ କରାଯିବ ବୋଲି ବୈଠକରେ ଉପସ୍ଥାପନା କରାଯାଇଥିଲା । ଚଳିତ ବର୍ଷ ମଧ୍ୟ ମଣ୍ଡିରେ ଚାଷୀମାନେ ଯେପରି ଧାନ ବିକ୍ରିୟ ସମୟରେ କୌଣସି ଅସୁବିଧା ନହୁଅନତି ସେଥି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଚାଷୀ ମାନକ ଠରୁ ଶାନ୍ତି ଶୃଙ୍ଖଳା ସହ ଧାନ ସଂଗ୍ରହ କରାଯିବା ପାଇଁ ଓ ଅଧିକରୁ ଅଧିକ ପଞ୍ଜୀକୃତ ଚାଷୀ ଧାନ ବିକ୍ରୟ କରି ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ମାନେ ଧାନ ଦେବାକୁ ଜନପ୍ରତିନିଧି ମାନେ କହିଥିଲେ। ଧାନର କ୍ରୟମୂଲ୍ୟ ଓଡିଶାର ଚାଷୀମାନେଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ଟଙ୍କା+ Imput assistance ଟ୮୦୦.୦୦କୁ କରାଯାଇଛି। ଅନ୍ୟରାଜ୍ୟର ସୀମାନ୍ତ ଅଂଚଳ ଗୁଡିକରେ କଡା ନଜର ରଖିବା ପାଇଁ ଉଭୟ ଆର ଏମସି ସମ୍ପାଦକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ମାନଙ୍କ ଠାରୁ ଧାନ କିଣିବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଜମା କରାଯିବ। ଚାଷୀ ଏଫକ୍ୟୁ ମକ୍ଷନରଧାନ ମଣ୍ଡିକୁ ଆଣିବେ କ୍ଷ ଆରଏମସି ତରଫରୁ ସମସ୍ତ ପ୍ରକାର ସୁବିଧା କରାଯିବ ଓ ଧାନର ଗୁଣବତ୍ତା ଚେକ କରିବାକୁ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ନିୟୋଜିତ କରାଯିବ। ଚାଷୀ ମଣ୍ଡିରେ କୌଣସି ପ୍ରକାର ଅସୁବିଧା ନ ହୁଅନ୍ତି ସେଥିପ୍ରତି ଧାନ ଦେବାକୁ କୁହାଯାଇଛି କ୍ଷ ଚାଷୀ ମାନଙ୍କ ସୁବିଧା ନିମନ୍ତେ ଧାନ ବିକ୍ରୟ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ଯୋଗାଣ ଅଧିକାରୀ ଉପସ୍ଥାପନା କରିଥିଲେ କ୍ଷ ଜିଲ୍ଲାରେ ଖରିଫ ଧାନ ଆସନ୍ତା ମାସ ୨୦ତାରିଖରେ ବିଷମ କଟକ, ମୁନିଗୁଡା, ଗୁଡ଼ାରୀ, ପଦ୍ମପୁର, ରାମନାଗୁଡ଼ା ଓ କୋଳାନାରା ବ୍ଲକରେ ଶୁଭ ଆରମ୍ଭ କରାଯିବ ଓ ଆସନ୍ତା ୨୮ ତାରିଖରେ ଗୁଣୁପୁର ବ୍ଲକରେ ଧାନ ମଣ୍ଡି ଶୁଭାରମ୍ଭ କରାଯିବ କ୍ଷ ଚାଷୀମାନଙ୍କ ଜାଣିବା ପାଇଁ ବିଭିନ୍ନ ମାଧ୍ୟମରେ ସଚେତନତା କରାଯିବ।

## ଗୁଣୁପୁରରେ ଟିଡିଏସ ସମ୍ବନ୍ଧୀୟ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର କର୍ମଶାଳା



ଗୁଣୁପୁର ସଦର ସ୍ଥାନୀୟ ପଂଚାୟତ ସମିତି ସଭା ଗୃହ ଠାରେ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ମଣ୍ଡଳ ରାୟଗଡା ଓ କର ନିର୍ଧାରଣ ଏକକ ଗୁଣୁପୁର ପକ୍ଷରୁ ଏକ ସଚେତନ ମୂଳକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଅଛି.। ଯୁଗ୍ମ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ ଶ୍ରୀ ଅବିନାଶ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳା ରେ ବିଭିନ୍ନ ଟି ଡି ଏସ ଅଧିକାରୀ ମାନଙ୍କୁ ଶ୍ରୀ ସଚିନ୍ଦ୍ର କୁମାର ମହନ୍ତ ଦ୍ରବ୍ୟ ଓ ସେବାକର ଅଧିକାରୀ ଟିଡିଏସ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଟି ଡି ଏସ ଅଧିକାରୀ ମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କ ରେ ପଚାରି ବୁଝିଥିଲେ। ଏହି କର୍ମଶାଳା ରେ ଶ୍ରୀ ସତ୍ୟନାରାୟଣ ଭୂୟାଁ ଓ ଶ୍ରୀ ଦେବେନ୍ଦ୍ର କୁମାର ବାଗ, ଦ୍ରବ୍ୟ ଓ ସେବାକର ସହାୟକ ଆୟୁକ୍ତ, ଶ୍ରୀ ଭାସ୍କର ହରି ତ୍ରିପାଠୀ ଓ ଶ୍ରୀ ଜଗନ୍ନାଥ ସାହୁ, ଦ୍ରବ୍ୟ ଓ ସେବାକର ଅଧିକାରୀ , ବରିଷ୍ଠ ସହାୟକ ଶ୍ରୀ କେଦାର ନାୟକ, ଶ୍ରୀ ଭଗବାନ ସାହୁ ଓ ଚିତ୍ତ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜ ଛାତ୍ରଙ୍କ ମୃତଦେହ ରେଳଷ୍ଟେସନ ନିକଟରୁ ଉଦ୍ଧାର

**ଭୁବନେଶ୍ୱର:** ରାଜଧାନୀ ଭୁବନେଶ୍ୱରର ଲିଙ୍ଗରାଜ ରେଳ ଷ୍ଟେସନ ପାଖରୁ ଜଣେ କଲେଜ ଛାତ୍ରଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ତପନ ଆଚାର୍ଯ୍ୟ (୨୨)। ସୂଚନା ଅନୁସାରେ ଗୋତଣ୍ଡା ଗ୍ରାମ ମହାବୀର ନଗରର ବାସିନ୍ଦା ଅଜୟ ଆଚାର୍ଯ୍ୟଙ୍କ ଏକ ମାତ୍ର ପୁଅ ଥିଲେ। ତପନ ସିଭିରମଣ କଲେଜରେ ପଢୁଥିଲେ। କଲେଜର ମାନସିକ ଚାପ ପାଇଁ ପୁଅ ଜୀବନ ହାରିଥିବା ତାଙ୍କର ବାପା ଅଭିଯୋଗ କରିଛନ୍ତି। ପୁଅକୁ ନପାଇ ପରିବାର ଲୋକ କଲେଜକୁ କଲ୍ କରିଥିଲେ। ତେବେ କଲେଜ କର୍ତ୍ତୃପକ୍ଷ ଆସନ୍ତାକାଲି ୧୧ଟା ବେଳେ ବାପା-ମା' ଆସିବାକୁ କହିଥିଲେ। ହେଲେ ପୁଅ ନ ମିଳିବାରୁ ବ୍ୟାଟେରି ଗାଡିକୁ ଟ୍ରାକ୍ କରି ପହଞ୍ଚିଲା ବେଳେ ପରିବାର ଲୋକ ତପନର ମୃତଦେହ ପାଇଥିଲେ।

## ଦିରିବିଗୁଡା ଗ୍ରାମ ଆରଡି ରାସ୍ତା ଠାରୁ ଗ୍ରାମକୁ ରାସ୍ତା ନିର୍ମାଣ ଦାବି

**ଜୟପୁର:** ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମପଂଚାୟତ ଅନ୍ତର୍ଗତ ଦିରିବିଗୁଡା ଗ୍ରାମ ଆରଡି ରାସ୍ତା ଠାରୁ ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି । ଦିରିବିଗୁଡା ଗ୍ରାମ ଏକ ଆଦିବାସୀ ଅଧୁଷିତ ଗ୍ରାମ ଅଟେ । ଏହି ଗ୍ରାମରେ ପରଜା, ହରିଜନ ଓ ଗୌଡ ଜାତି ର ପ୍ରାୟ ୬୦ଟି ପରିବାର ବସବାସ କରୁଛନ୍ତି । ଗ୍ରାମକୁ ଯାତାୟତ କୌଣସି ସୁବିଧା ନାହିଁ । ଆରଡି ରାସ୍ତା ଠାରୁ ଗ୍ରାମ ରାସ୍ତା ପ୍ରାୟ ୭ ଶହ ମିଟର ରହିଛି । ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ବି ନାହିଁ । ଗ୍ରାମର ଛୋଟ ଛୋଟ ଛାତ୍ରଛାତ୍ରୀ ମାନେ ଗୌଡଗୁଡା ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ପ୍ରତ୍ୟେକ ଦିନ ଯିବା ଆସିବା କରନ୍ତି । ଉକ୍ତ ରାସ୍ତା ଖାଲ ଖାମା ଗୋଟିଏ ବାଇକ ମଧ୍ୟ ଭଲ ଭାବେ ଯାଇପାରୁ ନାହିଁ । ଜଣେ ଗର୍ଭବତି ମହିଳାକୁ ହସପିଟାଲ ନେବାକୁ ହେଲେ ୭ ଶହ ମିଟର ଖଟିଆରେ ବୋହି ନେବାପରେ ଆମ୍ବୁଲାନ୍ସରେ ବସାଇବାକୁ ପଡେ ।

## ଜିଲ୍ଲା ଓଏଏସ ସଂଘର ବୈଠକ

**ଜୟପୁର:** ଓଡିଶା ପ୍ରଶାସନିକ ସେବା କୋରାପୁଟ ଜିଲା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନ ପାଇଁ ନୂତନ କର୍ମ କର୍ତା ମନୋନୀତ ଜୋଇଛନ୍ତି। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଆୟୋଜିତ ବୈଠକ ଅତିରିକ୍ତ ଜିଲାପାଳ ଦେବୀପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଓଡିଶା ପ୍ରଶାସନିକ ସେବା ବିଭାଗର ଯୁଗ୍ମ ଶଚିବ ଅନିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ବିର୍ଭିନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହାସହ ସଂଘର ବିର୍ଭିନ ସାଙ୍ଗଠନିକ କାର୍ଯ୍ୟ ନେଇ ପ୍ରତି ଦୁଇ ମାସରେ ଥରେ ଲେଖାଏଁ ବୈଠକ କରାଯିବା, ପ୍ରତି ତିନି ମାସରେ ଥରେ ଲେଖାଏଁ ସମସ୍ତ ସଭ୍ୟ ଓ ସଭ୍ୟା ମାନଙ୍କର ସାସ୍ଥ୍ୟ ପରୀକ୍ଷା କରାଯିବା ଉପରେ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଜିଲା ଶାଖାର କର୍ମକର୍ତା ମନୋନୀତ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶ୍ରୀ ମହାନ୍ତି ସଭାପତି, ଉପଜିଲାପାଳ ପ୍ରେମଲାଲ ହିଆଲ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ଦେବ ମହାବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ନାୟକ, ମୁଖ୍ୟ ଉର୍ନୟନ ଅଧିକାରୀ ତଥା ଜିଲାପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜୟପୁର ଆଇଟି ଡ଼ିଏ ପ୍ରକଳ୍ପ ପ୍ରଶାସିକା ତୃପ୍ତି ବରାହଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର ଏବଂ ଜିଲାର ବିଭିନ୍ନ ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲ ଦାର ମାନେ ଉପସ୍ଥିତ ଥିଲେ ।

## ଜିଲ୍ଲା ପରିଷଦ ସଭ୍ୟଙ୍କୁ ଅସମ୍ମାନ ପ୍ରତିବାଦରେ ସ୍ମାରକପତ୍ର ପ୍ରଦାନ




**ବାଲେଶ୍ୱର(ମାନିସ):** ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପରିଷଦ କାର୍ଯ୍ୟାଳୟ ଠାରେ ଜିଲ୍ଲାପରିଷଦ ସଭାପତି ଓ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ପ୍ରମୁଖ ବିଭିନ୍ନ ଦାବିରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡକ୍ଟର ମଧୁସ୍ମିତା ସାମନ୍ତରାୟଙ୍କୁ ପ୍ରଦାନ କରିଛନ୍ତି।ବାଲିଆପାଳ ପଞ୍ଚାୟତ ସମିତି ବୈଠକ କୁ ନେଇ ଜିଲ୍ଲାପରିଷଦ ସଦସ୍ୟ ଙ୍କୁ ଅଧକ୍ଷା ଅସମ୍ମାନ କରିବା ସହ ଜିଲ୍ଲାରେ ଜିଲ୍ଲାପରିଷଦ ସଦସ୍ୟ,ସଦସ୍ୟା ଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟରେ ଅବହେଳା,ଅସମ୍ମାନ କରିବା ଘଟଣାର କାର୍ଯ୍ୟାନୁଷ୍ଠାନ ଦାବିକରି ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛ ।ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଙ୍କ ନେତୃତ୍ୱରେ ଉପାଧକ୍ଷ ଅନୁସ୍ୱୟା ପ୍ରଧାନ, ସଦସ୍ୟ ଗିରିଶ ଚନ୍ଦ୍ର ଦତ୍ତ,ଜୟରାମ ଦାସ,ବେଣୁଧର ଜେନା,ନିବେଦିତା ମହାନ୍ତି,କବିତା ପାଣିଙ୍କ ସମେତ ସମସ୍ତ,ସଦସ୍ୟା ପ୍ରମୁଖପସ୍ଥି ରହି ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

## 'କଗାର' ଯୁଦ୍ଧ ବନ୍ଦ କରି ଶାନ୍ତିବାର୍ତ୍ତା ପାଇଁ ଆଗେଇ ଆସନ୍ତୁ ସରକାର: ନକ୍ସଲ

**ମାଲକାନଗିରି:** ମାଓ ସଂଗଠନର କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟ ଆଜି ପୁଣି ପ୍ରେସ୍ ? ବିଜ୍ଞପ୍ତି ଜାରି କରି ସରକାରଙ୍କୁ ତୁରନ୍ତ ଶାନ୍ତିବାର୍ତ୍ତା ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଛି। ସେ କହିଛି ଯେ ଗତ ଜାନୁଆରି ୨୦୨୪ ଠାରୁ କେନ୍ଦ୍ରୀୟ ଏବଂ ରାଜ୍ୟ ପୁଲିସ ପାରାମିଲିଟାରୀ ଏବଂ କମାଣ୍ଡୋ ଫୋର୍ସ ଅପରେସନ୍ କଗାର ନାମରେ ଶହଶହ ମାଓବାଦୀ ଏବଂ ନିରୀହ ଆଦିବାସୀଙ୍କୁ ହତ୍ୟା କରିଛନ୍ତି। ଏହା ଆଜି ପର୍ଯ୍ୟନ୍ତ ଚାଲୁଛି।

ବହୁ ଗଣତାନ୍ତ୍ରିକ ତଥା ବୈପ୍ଲବିକ ଲୋକ ସଂଗଠନ, ଦଳ, ସାମାଜିକ ସଂଗଠନ୍ କାର୍ଯ୍ୟକର୍ତ୍ତା, ପ୍ରଗତିଶୀଳ, ଗଣତାନ୍ତ୍ରିକ ତଥା ବୁଦ୍ଧିଜୀବୀ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିବା ପାଇଁ ଦେଶ ତଥା ବିଶ୍ୱରେ ଶହଶହ ସଂଖ୍ୟାରେ ବିରୋଧ କରୁଛନ୍ତି। ସେମାନଙ୍କର ଦାବି ହେଉଛି ଯେ ତୁରନ୍ତ ଅପରେସନ ବନ୍ଦ କରାଯାଉ, ଅସ୍ତ୍ରବିରତି ଘୋଷଣା କରାଯିବା ଉଚିତ ଏବଂ ସରକାର ଓ ମାଓବାଦୀଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରାଯାଉ।



ମାର୍ଚ୍ଚ ୨୮ ରେ ମୁଁ ଶାନ୍ତି ଆଲୋଚନା ସମ୍ପର୍କରେ କେନ୍ଦ୍ରୀୟ କମିଟି ପକ୍ଷରୁ ଏକ ବିବୃତ୍ତି ଜାରି କରିଛି। ଏଥିରେ ମୁଁ କହିଛି ଯେ ସରକାରଙ୍କ ସହ ଶାନ୍ତି ବୁଝମଣା କରିବାକୁ ଆମେ ପ୍ରସ୍ତୁତ। ଶାନ୍ତି ଆଲୋଚନା ପାଇଁ ଏପର୍ଯ୍ୟନ୍ତ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତି, ଦାଣ୍ଡକାରଣ୍ୟ ଉତ୍ତର-ପର୍ଶ୍ଚିମ ସବଜୋନାଲ ବ୍ୟୁରୋରୁ କମ୍ରେଡ ରୁପେଶଙ୍କ ଦ୍ୱାରା ଜାରି ଦୁଇଟି ପ୍ରେସ ବିଜ୍ଞପ୍ତି ସମେତ ମୋଟ ତିନୋଟି ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଏହି ସମୟରେ ଆମର ସାଥୀମାନେ ଆମର ପିଏଲଜିଏ ବାହିନୀର ସଶସ୍ତ୍ର କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

ମାଲକାନଗିରି: ମାଓ ସଂଗଠନର କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟ ଆଜି ପୁଣି ପ୍ରେସ୍ ବିଜ୍ଞପ୍ତି ଜାରି କରି ସରକାରଙ୍କୁ ତୁରନ୍ତ ଶାନ୍ତିବାର୍ତ୍ତା ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଛି। ସେ କହିଛି ଯେ ଗତ ଜାନୁଆରି ୨୦୨୪ ଠାରୁ କେନ୍ଦ୍ରୀୟ ଏବଂ ରାଜ୍ୟ ପୁଲିସ ପାରାମିଲିଟାରୀ ଏବଂ କମାଣ୍ଡୋ ଫୋର୍ସ ଅପରେସନ୍ କଗାର ନାମରେ ଶହଶହ ମାଓବାଦୀ ଏବଂ ନିରୀହ ଆଦିବାସୀଙ୍କୁ ହତ୍ୟା କରିଛନ୍ତି। ଏହା ଆଜି ପର୍ଯ୍ୟନ୍ତ ଚାଲୁଛି।

ବହୁ ଗଣତାନ୍ତ୍ରିକ ତଥା ବୈପ୍ଲବିକ ଲୋକ ସଂଗଠନ, ଦଳ, ସାମାଜିକ ସଂଗଠନ୍ କାର୍ଯ୍ୟକର୍ତ୍ତା, ପ୍ରଗତିଶୀଳ, ଗଣତାନ୍ତ୍ରିକ ତଥା ବୁଦ୍ଧିଜୀବୀ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିବା ପାଇଁ ଦେଶ ତଥା ବିଶ୍ୱରେ ଶହଶହ ସଂଖ୍ୟାରେ ବିରୋଧ କରୁଛନ୍ତି। ସେମାନଙ୍କର ଦାବି ହେଉଛି ଯେ ତୁରନ୍ତ ଅପରେସନ ବନ୍ଦ କରାଯାଉ, ଅସ୍ତ୍ରବିରତି ଘୋଷଣା କରାଯିବା ଉଚିତ ଏବଂ ସରକାର ଓ ମାଓବାଦୀଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରାଯାଉ।

ମାର୍ଚ୍ଚ ୨୮ ରେ ମୁଁ ଶାନ୍ତି ଆଲୋଚନା ସମ୍ପର୍କରେ କେନ୍ଦ୍ରୀୟ କମିଟି ପକ୍ଷରୁ ଏକ ବିବୃତ୍ତି ଜାରି କରିଛି। ଏଥିରେ ମୁଁ କହିଛି ଯେ ସରକାରଙ୍କ ସହ ଶାନ୍ତି ବୁଝମଣା କରିବାକୁ ଆମେ ପ୍ରସ୍ତୁତ। ଶାନ୍ତି ଆଲୋଚନା ପାଇଁ ଏପର୍ଯ୍ୟନ୍ତ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତି, ଦାଣ୍ଡକାରଣ୍ୟ ଉତ୍ତର-ପର୍ଶ୍ଚିମ ସବଜୋନାଲ ବ୍ୟୁରୋରୁ କମ୍ରେଡ ରୁପେଶଙ୍କ ଦ୍ୱାରା ଜାରି ଦୁଇଟି ପ୍ରେସ ବିଜ୍ଞପ୍ତି ସମେତ ମୋଟ ତିନୋଟି ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଏହି ସମୟରେ ଆମର ସାଥୀମାନେ ଆମର ପିଏଲଜିଏ ବାହିନୀର ସଶସ୍ତ୍ର କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

## ଟୋପାଏ ପାଣି ପାଇଁ ତହଳ ବିକଳ ଗମ୍ଭାରିଆ କେନ୍ଦୁଘୁଟୁ ସାହିବାସୀ

**ଚମ୍ପୁଆ:** ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ତା ସାଙ୍ଗକୁ ତାଳ ଦେଇ ପିଇବା ପାଣିର ଅଭାବୀକରଣ ଯୋଗୁଁ ଲୋକେ ମୁନ୍ଦାଏ ପାଣି ପାଇଁ ତହଳ ବିକଳ ହେଉଛନ୍ତି । ଏହା ସହିତ ବସୁଧା ଯୋଜନାରେ ଘରକୁ ଘର ସଂଯୋଗ ହୋଇଥିବା ପାଣି ପାଇପରେ ମଧ୍ୟ ସାତ ଆଠ ଦିନରେ ଥରେ ପାଣି ଆସୁଥିବାରୁ ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାହିରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇପଡ଼ିଛି। ଫଳରେ ପିଇବା ପାଣି ସାହିବାସୀଙ୍କୁ ୩ ରୁ ୪ କିଲୋମିଟର ଯାଇ ସଂଗ୍ରହ କରିବାକୁ ପଡୁଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋଦ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ । ସୂଚନା ଅନୁଯାୟୀ, ଓଡ଼ିଶାର ଭାତ ହାଣ୍ଡି ବୋଲାଉଥିବା କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ୍ ବଡ଼ନଇ ଗ୍ରାମପଂଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର କେନ୍ଦୁଘୁଟୁ ସାହି। ଏହି କେନ୍ଦୁଘୁଟୁ ସାହିରେ ତିରିଶରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠାରେ ଥିବା ଏକମାତ୍ର ନଳକୂପ ହିଁ ତାଙ୍କର ସାହା ଭରସା । ମାତ୍ର ଉକ୍ତ ନଳକୂପଟି ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିବାରୁ ତାହା ସାହି ବାସୀଙ୍କ କାମରେ ଲାଗି ପାରୁ ନାହିଁ ।

## କେନାଲ ଭିତରକୁ ପସିଲା ବସ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ଜୟପୁର:** କେନାଲ ଭିତରକୁ ପସିଗଲା ଯାତ୍ରୀବାହି ବସ । ଜୟପୁର ଠାରୁ ଗଡପଦର ଯାଇ ପୁଣି ଗଡପଦର ଠାରୁ ଜୟପୁର ଅଭିମୁଖେ ଆସୁଥିବା ଲକ୍ଷ୍ମୀ ବସ କେନାଲ ଭିତରକୁ ପଶିଯାଇଥିଲା । ଯାତ୍ରୀଙ୍କ ସୂଚନା ଅନୁସାରେ, ବସ ଡ୍ରାଇଭର ନରହରି ଭତ୍ରା ହଟାତ୍ ଅସୁସ୍ଥ ଅନୁଭବ କରିବା ଦ୍ୱାରା ଭାରସାମ୍ୟ ହରାଇ ଆଜି ଦିନ ୧୨ଟା ୩୦ ମିନିଟ ସମୟରେ ବସ୍ ଟି କେନାଲ ଭିତରକୁ ପସି ଯାଇଥିଲା । ବସରେ ୨୦ ଜଣ ଯାତ୍ରୀ ବସିଥିବା ବେଳେ କେତେ ଜଣ ଆହତ ହୋଇଛନ୍ତି । କାହାର ବହୁତ କିଛି କ୍ଷୟକ୍ଷତି ହୋଇନଥିବା ଜଣାଯାଇଛି

## ଅଶ୍ଳୀଳ ଫଟୋ ରଖି ବ୍ଲାକମେଲିଂ, ଅଭିଯୁକ୍ତକୁ ୩ବର୍ଷ ଜେଲ୍

**ଫୁଲବାଣୀ:** ଜନୈକା ନାବାଳିକାଙ୍କ ଅଶ୍ଳୀଳ ଫୋଟୋ ରଖି ବ୍ଲାକମେଲିଂ କରିବା ଅଭିଯୋଗରେ ଫୁଲବାଣୀ ପୋକସୋ ଅଦାଲତ ଅଭିଯୁକ୍ତକୁ ୩ବର୍ଷ ସଶ୍ରମ

**୨୫ ହଜାର ଟଙ୍କା ଜରିମାନା**

**ଜରିମାନା ଅନାଦେୟ ଅଧିକ ୧୦ ମାସ୍ ଜେଲ୍**



କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଦୋଷୀକୁ ୨୫ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ଅଧିକ ୧୦ମାସ ଜେଲ୍ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି। ଅଭିଯୁକ୍ତ ଜଣକ ହେଲେ ଛତିଶଗଡ଼ ରାଜ୍ୟ ପୁଞ୍ଜିପଥର ଥାନା ଅର୍ନ୍ତଗତ ଉଜଳପୁର ଗ୍ରାମର ଭାଗିରଥି ଦୀପ।

ଘଟଣା ଅନୁଯାୟୀ, ଅଭିଯୁକ୍ତ ଭାଗିରଥି ଖଜୁରୀପଡା ଥାନା ଅନ୍ତର୍ଗତ ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ରଖି ଧମକ ଦେବା ସହ ବିଭିନ୍ନ ପ୍ରକାର ବ୍ଲାକମେଲିଂ କରୁଥିଲେ । ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଖଜୁରୀପଡା ଥାନାରେ ଏତଲା ଦିଆଯାଇଥିଲା ଓ ଅଭିଯୋଗ ଆଧାରରେ ଖଜୁରୀପଡ଼ା ପୋଲିସ କେଶ ନଂ ୪୦/ ୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଆଜି ଏହି ମାମଲାର ଶୁଣାଣି କରି ଫୁଲବାଣୀ ସତନ୍ତ୍ର ପୋକସୋ କୋର୍ଟ ବିଚାରପତି ସାକ୍ଷ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ସତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ୱକଫ ସଂଶୋଧନ ଆଇନକୁ ଚ୍ୟାଲେଞ୍ଜ କରି ଆଗତ ପିଟିସନଗୁଡ଼ିକରେ ମଧ୍ୟବର୍ତ୍ତୀକାଳୀନ ରହିତାଦେଶକୁ ସରକାରଙ୍କ ବିରୋଧ

**ନୂଆଦିଲ୍ଲୀ (ପିଆଇବି):** ୱକଫ ସଂଶୋଧନ ଆଇନ, ୨୦୨୫ ନିକଟରେ ସଂସଦ ଦ୍ୱାରା ଅନୁମୋଦନ ଲାଭ କରିବା ସହ ୮ ଏପ୍ରିଲ, ୨୦୨୫ ରୁ କାର୍ଯ୍ୟକାରୀ ହୋଇଛି। ଏହି ଆଇନ କାର୍ଯ୍ୟକାରୀ ହେବା ପରେ, ଏହାର କାର୍ଯ୍ୟକାରିତା ଉପରେ ରହିତାଦେଶ ପାଇଁ ବିଭିନ୍ନ ଅଦାଲତରେ ଅନେକ ପିଟିସନ୍ ଦାଖଲ କରାଯାଇଥିଲା।

ଏହାର ଜବାବରେ, ସରକାର ଏହି ମାମଲାଗୁଡ଼ିକରେ କୌଣସି ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ପ୍ରଦାନକୁ ଦୃଢ଼ ବିରୋଧ କରି ଏକ ପ୍ରାଥମିକ ଜବାବୀ ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ପୂର୍ବ ଉଦାହରଣଗୁଡ଼ିକୁ ଉଲ୍ଲେଖ କରାଯାଇଛି । ବିଶେଷ କରି ୱକଫ ଅଧିନିୟମ, ୧୯୯୫କୁ ଚାଲେଞ୍ଜ କରୁଥିବା ମାମଲା ଏବଂ ୨୦୧୩ର ସଂଶୋଧନକୁ ବିରୋଧ କରି ଆଗତ ମାମଲାଗୁଡ଼ିକର ଉଦାହରଣ ଦିଆଯାଇଛି । 'ମୂଳ ପିଟିସନ୍' ନାମରେ ପରିଚିତ ଉକ୍ତ ମାମଲାଗୁଡ଼ିକୁ ବିରୋଧ କରି ଅନେକ ଚ୍ୟାଲେଞ୍ଜ କରାଯାଇଥିଲା, କିନ୍ତୁ ଅଦାଲତରୁ କୌଣସି ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ପ୍ରାପ୍ତ ହୋଇନଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେଗୁଡ଼ିକ ମଧ୍ୟରୁ ଅନେକ ଆବେଦନ ଏବେବି ବିଭିନ୍ନ ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି ଏବଂ କୌଣସି ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ବିନା ଜାରି ରହିଛି ବୋଲି ସରକାର ତାଙ୍କ ଜବାବରେ ଦର୍ଶାଇଛନ୍ତି। ଏପ୍ରିଲ୍ ୨୦୨୨ରେ ସୁପ୍ରିମକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଉପରେ ଆଲୋକପାତ କରିବା ମଧ୍ୟ ପ୍ରଣିଧାନଯୋଗ୍ୟ। ସେହି ସମୟରେ, ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠ କହିଥିଲେ ଯେ କୌଣସି ଆଇନର ସାମ୍ବିଧାନିକତାକୁ ସମ୍ପୂର୍ଣ୍ଣ ତତ୍ତ୍ୱଗତ କିମ୍ବା ବିରୋଧ ଢଙ୍ଗରେ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ କାରଣ ଏହା କେବଳ ଏକ ଆନୁଷ୍ଠାନିକ ଅଭ୍ୟାସରେ ପରିଣତ ହେବ। ଅଦାଲତ ଏହା ମଧ୍ୟ କହିଥିଲେ ଯେ ଏପରି ଏକ ଚ୍ୟାଲେଞ୍ଜକୁ ବିଚାର କରିବା ପାଇଁ ଦାବିକୁ ସମର୍ଥନ କରୁଥିବା ଏକ ପ୍ରକୃତ କ୍ଷତିଗ୍ରସ୍ତ ପକ୍ଷ ଏବଂ ନିର୍ଦ୍ଦିଷ୍ଟ ତଥ୍ୟ ରହିବା ଆବଶ୍ୟକ। ଏହି ଦୃଷ୍ଟାନ୍ତ ଏବଂ ଅତୀତରେ ସମାନ ମାମଲାଗୁଡ଼ିକର ପରିଚାଳନାକୁ ଆଧାର କରି, ସରକାର ନ୍ୟାୟପାଳିକାଙ୍କୁ ୱକଫ ସଂଶୋଧନ ଅଧିନିୟମ, ୨୦୨୫ କୁ ଚ୍ୟାଲେଞ୍ଜ କରୁଥିବା ପିଟିସନର ବର୍ତ୍ତମାନର ସେଟରେ ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ନଦେଇ ସ୍ଥିରତା ଏବଂ ଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରିଛନ୍ତି।

ସରକାର କହିଛନ୍ତି ଯେ ଆଇନର ବୈଧତାର କୌଣସି ଯାଞ୍ଚ ସୁପ୍ରିମକୋର୍ଟଙ୍କ ଦ୍ୱାରା ପୂର୍ବରୁ ସ୍ଥାପିତ ନ୍ୟାୟିକ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଭ୍ରମାତ୍ମକ ଚିନ୍ତା ପରିବର୍ତ୍ତେ ବାସ୍ତବ ତଥ୍ୟ ଏବଂ ପ୍ରକୃତ ଅଭିଯୋଗ ଉପରେ ଆଧାରିତ ହେବା ଆବଶ୍ୟକ।

# କାଶ୍ମୀରରୁ କାବୁଲ: ଆତଙ୍କବାଦର ପେଣ୍ଠ ପାକିସ୍ତାନ

**ନୂଆଦିଲ୍ଲୀ(ପିଆଇବି):** ଆତଙ୍କବାଦର ପ୍ରୋତ୍ସାହନ, ଶରଣ ଓ ରପ୍ତାନି ପେଣ୍ଠ ଭାବେ ପାକିସ୍ତାନ ସାରା ବିଶ୍ୱରେ କୁଖ୍ୟାତି ଅର୍ଜନ କରିଛି। ବିଶ୍ୱର ସବୁଠୁ ବିପଜ୍ଜନକ ଏବଂ ଅସ୍ଥିରତା ସୃଷ୍ଟିକାରୀ ଆତଙ୍କବାଦୀ ସଂଗଠନ ପାକିସ୍ତାନ ମାଟିରେ ଥିବା ଅତୀତରେ ଅନେକ ପ୍ରମାଣ ମିଳିଛି। ଦୀର୍ଘ ଦଶନ୍ଧି ହେବ ପାକିସ୍ତାନ ମାଟି ସୀମାପାର୍ ଆତଙ୍କବାଦ, ଯୁଦ୍ଧ ପରିସ୍ଥିତି ଏବଂ କଠୋରପନ୍ଥୀ ବିଚାରର ଉତ୍ପତ୍ତି ସ୍ଥଳ ଭାବେ ବ୍ୟବହୃତ ହୋଇଆସିଛି। ୨୦୦୮ ମୁମ୍ବାଇ ଆକ୍ରମଣ ପଛରେ ପାକିସ୍ତାନ ମାଟିରେ ଥିବା ଇସଲାମୀୟ ଆତଙ୍କବାଦୀ ସଂଗଠନ ଲଶ୍କର ଏ ତଏବାର ହାତ ଥିଲା ଏବଂ ପାକିସ୍ତାନୀ ସରକାରଙ୍କର ମଧ୍ୟ ଏଥିରେ ସମ୍ପୃକ୍ତି ରହିଥିବା ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ୨୦୧୮ରେ ସ୍ୱୀକାର କରିଥିଲେ।

ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ତଥା ସେନାମୁଖ୍ୟ ପର୍ବେଜ୍ ମୁଶରଫ୍ ମଧ୍ୟ ସ୍ୱୀକାର କରିଥିଲେ ଯେ କାଶ୍ମୀରରେ ଭାରତ ବିରୋଧୀ ଲଢ଼େଇ ପାଇଁ ଆତଙ୍କବାଦୀ ସଂଗଠନଗୁଡ଼ିକୁ ତାଙ୍କର ସେନାବାହିନୀ ତାଲିମ ଦେଇଥିଲା। ଏଥିପ୍ରତି ପାକ୍ ସରକାର ଆଖି ବୁଜି ଦେଇଥିଲେ କାରଣ ସେ ଚାହୁଁଥିଲେ ଯେ ଭାରତ ଆଲୋଚନା ପାଇଁ ବାଧ୍ୟ ହେଉ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏହି ପ୍ରସଙ୍ଗ ଉପସ୍ଥାପନ କରୁ।

କିଛି ଦିନ ପୂର୍ବରୁ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ ଏହା ସ୍ୱୀକାର କରିଥିଲେ ଯେ, ଆମେରିକା ନେତୃତ୍ୱାଧୀନ ବିଦେଶ ନୀତି ନିର୍ଣ୍ଣୟ କାରଣରୁ ତିନି ଦଶନ୍ଧିରୁ ଅଧିକ ସମୟ ପର୍ଯ୍ୟନ୍ତ ତାଙ୍କ ଦେଶ ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମର୍ଥନ ଯୋଗାଇ ଦେଇଥିଲା।

ପାକିସ୍ତାନର ଆଇଏସଆଇ (ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ) ଆଫଗାନିସ୍ତାନ ତାଲିବାନ ଏବଂ ହକ୍କାନି ନେଟୱର୍କକୁ ସମର୍ଥନ କରୁଥିବା, ସେମାନଙ୍କୁ ପାଣ୍ଠି, ତାଲିମ ଏବଂ ନିରାପଦ ଆଶ୍ରୟ ପ୍ରଦାନ କରୁଥିବା ବ୍ୟାପକ ରେକର୍ଡ ରହିଛି । ୨୦୦୮ରେ କାବୁଲରେ ଭାରତୀୟ ଦୂତାବାସ ବୋମା ବିସ୍ଫୋରଣ ଏବଂ ୨୦୧୧ରେ କାବୁଲରେ ଆମେରିକୀୟ ଦୂତାବାସ ଉପରେ ଆକ୍ରମଣ ସମେତ ଆଫଗାନିସ୍ତାନ ନାଗରିକ, ସରକାରୀ କର୍ମଚାରୀ ଏବଂ ଅନ୍ତର୍ଜାତୀୟ ବାହିନୀ ଉପରେ ଅନେକ ମରଣାନ୍ତକ ଆକ୍ରମଣ ପାଇଁ ଏହି ଗୋଷ୍ଠୀଗୁଡ଼ିକ ଦାୟୀ। ଦୂତାବାସରେ ହୋଇଥିବା ବିସ୍ଫୋରଣକୁ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ବରିଷ୍ଠତମ ଅଧିକାରୀମାନେ ମଞ୍ଜୁରି ଦେଇଥିଲେ ଏବଂ ଏହାର ମାର୍ଗଦର୍ଶନ କରିଥିଲେ ବୋଲି ବରିଷ୍ଠ ସାମ୍ବାଦିକା କାର୍ଲୋଟା ଗଲ୍ ତାଙ୍କ ପୁସ୍ତକରେ ଲେଖିଥିଲେ ।

ଏପ୍ରିଲ୍ ୨୦୨୫ରେ, ମସ୍କୋ ଆତଙ୍କବାଦୀ ଆକ୍ରମଣର ତଦନ୍ତରେ ଏକ ପାକିସ୍ତାନ ଲିଙ୍କ୍ ଉଭା ହୋଇଥିଲା। ରୁଷ କର୍ତ୍ତୃପକ୍ଷ ଏହାର ମାଷ୍ଟରମାଇଣ୍ଡ ହୋଇଥିବା ଜଣେ ତାଜିକିସ୍ତାନ ନାଗରିକକୁ ଚିହ୍ନଟ କରିଛନ୍ତି ଏବଂ ପାକିସ୍ତାନ ସହିତ ତା'ର ସମ୍ପର୍କକୁ ନେଇ ଅନୁସନ୍ଧାନ କରୁଛନ୍ତି । ଆକ୍ରମଣକାରୀମାନେ ପାକିସ୍ତାନୀ ନେଟୱାର୍କ ଠାରୁ ସାମଗ୍ରୀ କିମ୍ବା ଆଦର୍ଶଗତ ସମର୍ଥନ ପାଇଥାଇପାରନ୍ତି ବୋଲି ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି। ପାକିସ୍ତାନ ସ୍ଥିତ ସୁନ୍ନି ଉଗ୍ରବାଦୀ ଗୋଷ୍ଠୀ ଜୈସୁଲ୍-ଆଦଲ୍ ସିସ୍ତାନ ଏବଂ ବଲୁଚିସ୍ତାନ ପ୍ରଦେଶରେ ଇରାନୀୟ ସୁରକ୍ଷା ବାହିନୀ ଉପରେ ବାରମ୍ବାର ଆକ୍ରମଣ କରିଛି। ଏହାର ଜବାବରେ, ଇରାନ ୧୬ ଜାନୁଆରୀ ୨୦୨୪ରେ ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶରେ ଥିବା ଜୈସୁଲ୍-ଆଦଲ୍ର ଠିକଣାରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଥିଲା। ସୀମାପାର ଆକ୍ରମଣ କରୁଥିବା ସୁନ୍ନି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପାକିସ୍ତାନ ବିଫଳ ହୋଇଛି ବୋଲି ଇରାନ ନିୟମିତ ଭାବେ ଅଭିଯୋଗ କରିଆସୁଛି।

ଚାରିଜଣ ବ୍ରିଟିଶ ଇସଲାମୀୟ ଆତଙ୍କବାଦୀଙ୍କ ଦ୍ୱାରା ୭ ଜୁଲାଇ ୨୦୦୫ ଲଣ୍ଡନ ବୋମା ବିସ୍ଫୋରଣ କରାଯାଇଥିଲା। ସେମାନେ ପାକିସ୍ତାନରେ ତାଲିମ ଏବଂ ପରାମର୍ଶ ନେଇଥିଲେ। ତିନିଜଣ ବୋମା ବିସ୍ଫୋରଣକାରୀ-ମହମ୍ମଦ ସିଦ୍ଦିକ ଖାନ, ଶେହଜାଦ ତନୱୀର ଏବଂ ଜର୍ମେନ ଲିଣ୍ଡସେ ୨୦୦୩ରୁ ୨୦୦୫ ମଧ୍ୟରେ ପାକିସ୍ତାନରେ ସମୟ ବିତାଇଥିଲେ।

ପାକିସ୍ତାନର ଆବୋଟାବାଦରେ ଅଲ-କାଏଦା ନେତା ଓସାମା ବିନ୍ ଲାଡେନକୁ ଆମେରିକୀୟ ସେନାବାହିନୀ ଚଢାଉ କରି ହତ୍ୟା କରିଥିଲେ। ଏହା ପାକିସ୍ତାନର ଆତଙ୍କବାଦ ବିରୋଧୀ ପ୍ରୟାସରେ ବ୍ୟବସ୍ଥିତ ବିଫଳତାକୁ ଉନ୍ମୋଚିତ କରିଥିଲା। ବିନ୍ ଲାଡେନ୍ ପାକିସ୍ତାନର ମିଲିଟାରୀ ଏକାଡେମୀ ନିକଟରେ ଏକ ପରିସରରେ ବର୍ଷ ବର୍ଷ ଧରି ଅଜ୍ଞାତ ଭାବରେ ରହୁଥିଲେ, ଯାହା ଆଇଏସଆଇର ସଂଯୋଗ ସନ୍ଦେହ ସୃଷ୍ଟି କରିଥିଲା।

ଢାକା ବୋମା ବିସ୍ଫୋରଣରେ ଜମାତ ଉଲ୍ ମୁଜାହିଦ୍ଦିନ ବାଂଲାଦେଶ (ଜେଏମବି)ର ହାତ ଥିଲା। ଏଥିରେ ୨୦ ଜଣ ପଣବନ୍ଦୀ ପ୍ରାଣ ହରାଇଥିଲେ। ପାକିସ୍ତାନର ଆଇଏସଆଇ ଏମାନଙ୍କୁ ପାଣ୍ଠି ଓ ତାଲିମ ଦେଇଥିଲା। ୨୦୧୫ରେ ବାଂଲାଦେଶୀ କର୍ତ୍ତୃପକ୍ଷ ଜେଏମବି ଆତଙ୍କବାଦୀଙ୍କୁ ଟଙ୍କା ଦେଉଥିବା ଅଭିଯୋଗରେ ପାକିସ୍ତାନୀ କୂଟନୀତିଜ୍ଞଙ୍କୁ ଧରି ଦେଶାନ୍ତର କରିଥିଲେ। ବାଂଲାଦେଶର କକ୍ସ ବଜାରରେ ଶିବିରରେ ଜେଏମବି ସହାୟତାରେ ଆଇଏସଆଇ ୪୦ ଜଣ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ତାଲିମ ଦେଇଥିବା ନେଇ ୨୦୨୦ରେ ଏକ ଗୁଇନ୍ଦା ରିପୋର୍ଟରୁ ଜଣାପଡ଼ିଥିଲା। ଜେଏମବି ନେଟୱର୍କକୁ ଉପସାଗରୀୟ ଦେଶରେ ଥିବା ଏନଜିଓ ଏବଂ ପାକିସ୍ତାନୀ ମଧ୍ୟସ୍ଥମାନେ ପାଣ୍ଠି ଯୋଗାଉଥିଲେ, ପର୍ଶ୍ଚିମବଙ୍ଗ ଓ କେରଳ ଭଳି ରାଜ୍ୟରେ ଏମାନଙ୍କର ସୁପ୍ତ ଆତଙ୍କବାଦୀମାନେ ରହିଥିବା ସୂଚନା ମିଳିଥିଲା।

ପାକିସ୍ତାନର ପ୍ରତ୍ୟାଖ୍ୟାନ ପଛରେ ଏକ ସ୍ପଷ୍ଟ ବାସ୍ତବତା ରହିଛି, ଏହାର ସାମରିକ ଏବଂ ଗୁଇନ୍ଦା ନେଟୱର୍କ ସୈନିକମାନଙ୍କୁ ଜିହାଦି ପ୍ରଶିକ୍ଷକରେ ପରିଣତ କରିଛି ଏବଂ ସମଗ୍ର ଦକ୍ଷିଣ ଏସିଆରେ ଦଶନ୍ଧି ଦଶନ୍ଧି ଧରି ଆତଙ୍କକୁ ଇନ୍ଧନ ଯୋଗାଉଛି। ପାକିସ୍ତାନ ପଞ୍ଜାବ, ଖାଇବର ପଖତୁନଖ୍ୱା, ୱଜିରିସ୍ତାନ ଏବଂ ପାକ ଅଧିକୃତ କାଶ୍ମୀର (ପିଓକେ) ପରି ପ୍ରଦେଶରେ ଆତଙ୍କବାଦୀ ତାଲିମ ଶିବିର ଆୟୋଜନ କରେ। ଲସ୍କର-ଏ-ତଏବା (ଏଲଇଟି), ଜୈସ-ଏ-ମହମ୍ମଦ (ଜେଇଏମ), ହିଜବୁଲ ମୁଜାହିଦ୍ଦିନ (ଏଚଏମ) ଏବଂ ଆଇଏସଆଇଏସ-ଖୋରାସାନ ଭଳି ଅନ୍ତର୍ଜାତୀୟ ଆତଙ୍କୀ ସଂଗଠନ ଦ୍ୱାରା ପରିଚାଳିତ ଏହି ଶିବିରଗୁଡ଼ିକ ଉଗ୍ରବାଦ, ଅସ୍ତ୍ରଶସ୍ତ୍ର ତାଲିମ ଏବଂ ଆତ୍ମଘାତୀ ମିଶନ ପ୍ରସ୍ତୁତିର କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ। ପୂର୍ବତନ ପାକିସ୍ତାନୀ ସେନା କର୍ମଚାରୀମାନେ ପ୍ରାୟତଃ ପ୍ରଶିକ୍ଷଣରେ ସାହାଯ୍ୟ କରନ୍ତି, ପରିଚାଳନା ଘାତକତା ବୃଦ୍ଧି ପାଇଁ ସାମରିକ ବିଶେଷଜ୍ଞତା ପ୍ରଦାନ କରନ୍ତି।

ଆମେରିକାର ବୈଦେଶିକ ବିଭାଗ ଆତଙ୍କବାଦ ଉପରେ ଦେଶ ରିପୋର୍ଟ ୨୦୧୯ରେ ପାକିସ୍ତାନକୁ ଏପରି ଏକ ଦେଶ ଭାବେ ଚିହ୍ନଟ କରାଯାଇଛି, ଯାହା ''କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ କେନ୍ଦ୍ରିତ ଆତଙ୍କବାଦୀ ଗୋଷ୍ଠୀ ପାଇଁ ଏକ ନିରାପଦ ଆଶ୍ରୟସ୍ଥଳ ଭାବେ କାର୍ଯ୍ୟ ଜାରି ରଖିଛି।'' ''ପାକିସ୍ତାନ ସେନା ଓ ଆତଙ୍କବାଦ: ଏକ ବିପଜ୍ଜନକ ମେଣ୍ଟ'' ରିପୋର୍ଟରେ ୟୁରୋପୀୟ ଫାଉଣ୍ଡେସନ୍ ପାକିସ୍ତାନର ସାମରିକ ପ୍ରତିଷ୍ଠାନ, ଗୁଇନ୍ଦା ସଂସ୍ଥା ଏବଂ ଧାର୍ମିକ କଠୋରପନ୍ଥୀ ଗୋଷ୍ଠୀ ନେତାଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ଉଜାଗର କରିଥିଲା। ବରିଷ୍ଠ ପାକ୍ ସେନା ଅଧିକାରୀ ବ୍ରିଗେଡିୟର ଶାହ ପାକିସ୍ତାନୀ ନ୍ୟୁଜ୍ ଚାନେଲକୁ ଦେଇଥିବା ଏକ ସାକ୍ଷାତକାରରେ ଆତଙ୍କବାଦୀ ସଂଗଠନ ଜମାତ ଉଦ୍ ଦାୱା ପାଇଁ ପାକିସ୍ତାନ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ସ୍ୱୀକାର କରିଥିଲେ। ଆଉ ଏକ ସାକ୍ଷାତକାରରେ ମୁଶରଫ୍ ସ୍ୱୀକାର କରିଥିଲେ ଯେ, ଭାରତୀୟ ସେନା ବିରୋଧରେ ଜାମ୍ମୁ ଓ କାଶ୍ମୀରରେ ଲଢ଼େଇ କରିବା ଲାଗି କାଶ୍ମୀର ଲୋକମାନଙ୍କୁ ତାଲିମ ଦିଆଯାଉଛି। ଏହାଛଡ଼ା ଜିହାଦୀ ଆତଙ୍କବାଦୀମାନଙ୍କୁ ପାକିସ୍ତାନରେ ନାୟକ ଭାବେ ବିବେଚନା କରାଯାଉଥିବା ସେ କହିଥିଲେ।

ମାତୃଭାଷା



# ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଲା ଚେନ୍ନାଇ ସୁପର କିଙ୍ଗସ୍



**ଚେନ୍ନାଇ, ୩୦।୪:** ଆଇପିଏଲ୍ ୨୦୨୫ର ୪୯ତମ ମ୍ୟାଚ୍ ଚେନ୍ନାଇ ସୁପର କିଙ୍ଗସ୍ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଖେଳାଯାଉଛି । ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍ସ ୧୯.୨ ଓଭରରେ ୧୦ ୱିକେଟ୍ ହରାଇ ୧୯୦ ରନ୍ କରିଛି । ଚେନ୍ନାଇ ପାଇଁ ସାମ୍ କରନ ସର୍ବାଧିକ ୮୮ ରନ୍ କରିଥିଲେ । ଅନ୍ୟପଟେ ପଞ୍ଜାବ କିଙ୍ଗସ୍ ପାଇଁ ଯୁଜବେନ୍ଦ୍ର ଚହଲ ହ୍ୟାଟ୍ରିକ୍ ସହିତ ୪ଟି ୱିକେଟ୍ ନେଇଥିଲେ ।

ପଞ୍ଜାବ କିଙ୍ଗସର ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗସ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସାମନା କରିଥିଲା

## • ଶ୍ରେୟସଙ୍କ ଅର୍ଦ୍ଧଶତକ ଆଗରେ କୁରାନଙ୍କ ଅର୍ଦ୍ଧଶତକ ଫିକା
## • ହ୍ୟାଟ୍ରିକ ସହ ଗୋଟିଏ ଓଭରରେ ଚହଲଙ୍କୁ ୪ ୱିକେଟ
## • ପଞ୍ଜାବର ଦମ୍‌ଦାର ବିଜୟ

। ପାୱାରପ୍ଲେରେ ହିଁ ତିନୋଟି ୱିକେଟ ହରାଇଥିଲା । ଶେଖ୍ ରସିଦ ୧୨ ବଲରେ ୧୧ ରନ୍, ଆୟୁଷ ମହାତ୍ରେ ୬ ବଲରେ ୭ ରନ୍ ଏବଂ ରବିନ୍ଦ୍ର ଜାଡେଜା ୧୨ ବଲରେ ୧୭ ରନ୍ କରି ଆଉଟ୍ ହୋଇଥିଲେ । ଡେୱାଲ୍ଡ ବ୍ରେଭିସ୍ ୨୬ ବଲ୍‌ରେ ୩୨ ରନ୍ କରିପାରିଥିଲେ । ତେବେ ଅଲରାଉଣ୍ଡର ସାମ୍ କରନ ୪୭ ବଲରେ ୮୮ ରନର ବିସ୍ଫୋରକ ଇନିଂସ ଖେଳିଥିଲେ । କରନ ତାଙ୍କ ଇନିଂସରେ ୯ଟି ଚୌକା ଏବଂ ୪ଟି ଛକା ମାରିଥିଲେ । ଧୋନୀ ୪ ବଲରେ ୧୧ ରନ୍, ଦୀପକ ହୁଡ୍ଡା ୨ ରନ କରି ଆଉଟ୍ ହୋଇଥିଲେ ।

ସେପଟେ ପଞ୍ଜାବ ପାଇଁ ଚହଲ ଚମତ୍କାର ବୋଲିଂ କରି ଚେନ୍ନାଇ ସ୍କୋରକୁ ଅନୁମାନଠାରୁ କମରେ ସୀମିତ କରିବାରେ ସଫଳ ହେଲେ । ଚହଲ ତାଙ୍କ ତୃତୀୟ ଓଭରରେ ହ୍ୟାଟ୍ରିକ୍ ସହ ୪ଟି ୱିକେଟ୍ ନେଇଥିଲେ । ଅର୍ଶଦୀପ ସିଂହ, ମାର୍କୋ ଅନସେନ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ସେହିପରି ଆଜମାତୁଲ୍ଲାହ, ହରପ୍ରୀତ ବରାର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

ଜବାବରେ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ସହାୟତାରେ ପଞ୍ଜାବ ବିଜୟ ହାସଲ କରିଥିଲା ।

| ଚେନ୍ନାଇ ଇନିଂସ: ୧୯୦/୧୦ (୧୯.୨ ଓଭର) | | | |
|---|---|---|---|
| ସୈକ ରସିଦ | କ୍ୟା ଶଶାଙ୍କ ବୋ ଅର୍ଶଦୀପ | ୧୧ | ୧୨ |
| ଆୟୁଷ ମୈତ୍ରୀ | କ୍ୟା ଶ୍ରେୟସ ବୋ ଜନସେନ | ୦୭ | ୦୬ |
| ସାମ କୁରାନ | କ୍ୟା ଇଂଲିଶ ବୋ ଜନସେନ | ୮୮ | ୪୭ |
| ରବୀନ୍ଦ୍ର ଜାଡେଜା | କ୍ୟା ଇଂଲିଶ ବୋ ବ୍ରାର | ୧୭ | ୧୨ |
| ଡେୱାଲ୍ଡ ବ୍ରେଭିସ | ବୋ ଅଜମତୁଲ୍ଲା | ୩୨ | ୨୬ |
| ଶିବମ ଦୁବେ | କ୍ୟା ଶଶାଙ୍କ ବୋ ଅର୍ଶଦୀପ | ୦୬ | ୦୬ |
| ଏମଏସ ଧୋନୀ | କ୍ୟା ୱାଧେରା ବୋ ଚହଲ | ୧୧ | ୦୪ |
| ଦୀପକ ହୁଡ୍ଡା | କ୍ୟା ପ୍ରିୟାଂଶ ବୋ ଚହଲ | ୦୨ | ୦୨ |
| ଅନସୁଲ କାମ୍ବୋଜ | ବୋ ଚହଲ | ୦୦ | ୦୧ |
| ନୁର ଅହମ୍ମଦ | କ୍ୟା ଜନସେନ ବୋ ଚହଲ | ୦୦ | ୦୧ |
| ଅତିରିକ୍ତ | | ୧୬ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ଅର୍ଶଦୀପ ସିଂହ | ୩.୨ | ୦ | ୨୫ | ୨ |
| ମାର୍କୋ ଜନସେନ | ୪ | ୦ | ୩୦ | ୨ |
| ଅଜମତୁଲ୍ଲା ଓମରଜାଇ | ୪ | ୦ | ୩୯ | ୧ |
| ହରପ୍ରୀତ ବ୍ରାର | ୨ | ୦ | ୨୧ | ୧ |
| ଯୁଜବେନ୍ଦ୍ର ଚହଲ | ୩ | ୦ | ୩୨ | ୪ |
| ସୁୟସ ଶେଗଡ଼େ | ୩ | ୦ | ୪୦ | ୦ |

| ପଞ୍ଜାବ ଇନିଂସ: ୧୯୪/୬ (୧୯.୪ ଓଭର) | | | |
|---|---|---|---|
| ପ୍ରିୟାଂଶ ଆର୍ଯ୍ୟ | କ୍ୟା ଧୋନୀ ବୋ ଖଲିଲ | ୨୩ | ୧୫ |
| ପ୍ରଭସିମରନ ସିଂହ | କ୍ୟା ବ୍ରେଭିସ ବୋ ନୁର | ୫୪ | ୩୬ |
| ଶ୍ରେୟସ ଆୟର | ବୋ ପଥିରାଣା | ୭୨ | ୪୧ |
| ନେହାଲ ୱାଧେରା | କ୍ୟା ଜାଡେଜା ବୋ ପଥିରାଣା | ୦୫ | ୦୩ |
| ଶଶାଙ୍କ ସିଂହ | କ୍ୟା ବ୍ରେଭିସ ବୋ ଜାଡେଜା | ୨୩ | ୧୨ |
| ଜୋସ ଇଂଲିଶ | ଅପରାଜିତ | ୦୬ | ୦୬ |
| ସୁୟସ ଶେଗଡ଼େ | କ୍ୟା ନୁର ବୋ ଖଲିଲ | ୦୧ | ୦୩ |
| ମାର୍କୋ ଜନସେନ | ଅପରାଜିତ | ୦୪ | ୦୨ |
| ଅତିରିକ୍ତ | | ୦୫ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ଖଲିଲ ଅହମ୍ମଦ | ୩.୪ | ୦ | ୨୮ | ୨ |
| ଅନଶୁଲ କାମ୍ବୋଜ | ୨ | ୦ | ୨୦ | ୦ |
| ରବୀନ୍ଦ୍ର ଜାଡେଜା | ୩ | ୦ | ୩୨ | ୧ |
| ନୁର ଅହମ୍ମଦ | ୪ | ୦ | ୩୯ | ୧ |
| ସାମ କୁରାନ | ୩ | ୦ | ୨୭ | ୦ |
| ମଥିସା ପଥିରାଣା | ୪ | ୦ | ୪୫ | ୨ |

# ଆଇପିଏଲ ରୋବୋଟ୍ 'ଚମ୍ପକ' ବଢ଼ାଇଲା ବିସିସିଆଇର ଅଡୁଆ



**ନୂଆଦିଲ୍ଲୀ,୩୦।୪:** ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ ୨୦୨୫) ଏବେ ନିଜର ସବୁଠାରୁ ରୋମାଞ୍ଚକର ମୋଡ଼ରେ ରହିଛି । ସବୁ ଟିମ୍ ପ୍ଲେଅଫ୍‌ରେ ସ୍ଥାନ ପାଇବା ପାଇଁ ପରିଶ୍ରମ କରୁଛି । ଏଭଳି ସିଜିନ୍‌ରେ ବହୁ ଖେଳାଳି ନିଜ ପ୍ରଦର୍ଶନ ଦମ୍‌ରେ ଅଲଗା ପରିଚୟ ତିଆରି କରିଛନ୍ତି । କିନ୍ତୁ ଏହି ସମୟରେ ଏଆଇ ରୋବୋଟ୍ ଡଗ୍ 'ଚମ୍ପକ' ମଧ୍ୟ ଖୁବ୍ ଚର୍ଚ୍ଚାରେ ଅଛି । ଟସ୍ ଜିତିବାଠାରୁ ନେଇ ମ୍ୟାଚ୍‌ର ପ୍ରତି ରୋମାଞ୍ଚକର ମୋଡ଼ରେ ଚମ୍ପକ ନିଜର କମାଲ ଦେଖାଉଛି । କିନ୍ତୁ ଏବେ ଏହି ରୋବୋଟର ନାଁ 'ଚମ୍ପକ' ରଖି ଅଡୁଆରେ ବିସିସିଆଇ ।

ଦିଲ୍ଲୀ ହାଇକୋର୍ଟ ଏହି ରୋବୋଟର ନାଁ 'ଚମ୍ପକ' ରଖିବାକୁ ନେଇ ବିସିସିଆଇକୁ ନୋଟିସ୍ ଜାରି କରିଛି । ପିଲାଙ୍କ ପତ୍ରିକା 'ଚମ୍ପକ' କୋର୍ଟରେ ଏକ ଆବେଦନ ଦାଖଲ କରି ଏଆଇ ରୋବୋଟ୍‌ର ନାଁ ଚମ୍ପକ ରଖିବା ନେଇ ଟ୍ରେଡମାର୍କ ଉଲଂଘନ କହିଛି । ଚମ୍ପକ ପତ୍ରିକାର ମକଦ୍ଦମାରେ ଦିଲ୍ଲୀ ହାଇକୋର୍ଟ ବିସିସିଆଇକୁ ନୋଟିସ୍ ଜାରି କରି ଜବାବ୍ ମାଗିଛି ।

ଦିଲ୍ଲୀ ହାଇକୋର୍ଟ ବିସିସିଆଇକୁ ଚାରି ସପ୍ତାହରେ ଜବାବ ଦାଖଲ କରିବାକୁ କହିଛି । ମାମଲାର ଆଗାମୀ ଶୁଣାଣି ୯ ଜୁଲାଇରେ ରହିଛି । ରିପୋର୍ଟ ଅନୁସାରେ, ଏହି ରୋବୋଟ୍‌ର ନା ଚମ୍ପକ ଫ୍ୟାନ୍ ପୋଲ୍ ଜରିଆରେ ହୋଇଥିଲା । ଆଇପିଏଲ ମ୍ୟାଚ୍ ବେଳେ ଫ୍ୟାନ୍‌ମାନେ ଏହି ରୋବୋଟ୍‌ର ନାମକରଣ ପାଇଁ ରାୟ ମାଗିଥିଲେ । ଏହାପରେ ଚମ୍ପକ ନାଁରେ ସବୁଠାରୁ

### ଦିଲ୍ଲୀ ହାଇକୋର୍ଟ ଜାରି କଲେ ନୋଟିସ୍

ଅଧିକ ଦର୍ଶକ ମୋହର ଲଗାଇଥିଲେ । ତେଣୁ ଶେଷରେ ଚମ୍ପକ ହିଁ ନାଁ ରହିଥିଲା । ଚମ୍ପକକୁ ଟସ୍ ପକାଇବା ବେଳେ ଦେଖିହେବ । ଯେତେବେଳେ ଦୁଇ ଟିମ୍ ଫିଲ୍ଡକୁ ଓହ୍ଲାନ୍ତି ସେତେବେଳେ ଚମ୍ପକ ମଧ୍ୟ ତାଙ୍କ ସହ ଦେଖାଯାଏ । କେବଳ ସେତିକି ନୁହେଁ ଖେଳାଳିମାନେ ଭିଡିଓରେ ମଧ୍ୟ ଚମ୍ପକ ସହ ମଜାମସ୍ତି କରୁଥିବାର ଭିଡିଓ ଭାଇରାଲ ହୋଇଥିଲା । ଧୋନିଙ୍କ ଏକ ଭିଡିଓ ଖୁବ୍ ଚର୍ଚ୍ଚାରେ ଥିଲା, ଯେତେବେଳେ ସେ ଚମ୍ପକକୁ ଉଠାଇ ଆଉ ଏକ ଜାଗାରେ ରଖି ଦେଇଥିଲେ ।

# ରିଙ୍କୁଙ୍କୁ ଚାପୁଡ଼ା ମାରି ଟ୍ରୋଲ ହେଲେ କୁଲଦୀପ୍ !

**ନୂଆଦିଲ୍ଲୀ, ୩୦।୪:** ଆଇପିଏଲର ୪୮ତମ ମ୍ୟାଚରେ, କେକେଆର ଦିଲ୍ଲୀ କ୍ୟାପିଟାଲ୍ସକୁ ୧୪ରନରେ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ସୁନୀଲ ନାରିନ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଟାଇଟଲ୍‌ରେ ସମ୍ମାନିତ କରାଯାଇଥିଲା ।

ନାରିନ ୨୭ ରନର ଇନିଂସ ଖେଳିଥିଲେ ଏବଂ ବୋଲିଂ କରିବା ସମୟରେ ସେ ତିନୋଟି ୱିକେଟ ନେବାରେ ସଫଳ ହୋଇଥିଲେ । ଗୋଟିଏ ପଟେ ନାରିନ ତାଙ୍କ ବୋଲିଂ ପାଇଁ ଚର୍ଚ୍ଚାରେ ଥିବା ବେଳେ ଅନ୍ୟପଟେ କୁଲଦୀପ ଯାଦବଙ୍କ କାମ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି । ମ୍ୟାଚ୍ ପରେ କୁଲଦୀପ ଯାଦବ କେକେଆରର ଅଭିଜ୍ଞ ଖେଳାଳି ରିଙ୍କୁ ସିଂହଙ୍କୁ ଚାପୁଡ଼ା



ମାରୁଥିବାର ଦେଖାଯାଇଥିଲା, ଯାହାର ଭିଡିଓ ଏବେ ଖୁବ୍ ଭାଇରାଲ ହେଉଛି । ଚାପୁଡ଼ା ଖାଇବା ପରେ ରିଙ୍କୁ ଆଶ୍ଚର୍ଯ୍ୟ ହୋଇଯାଉଥିବା ଦେଖାଯାଉଛି ।

# ୩୮ ବର୍ଷରେ ପାଦ ଥାପିଲେ ରୋହିତ

## ୫ ଏପରି ରେକର୍ଡ କରିଛନ୍ତି ଯାହାକି ଭାଙ୍ଗିବା କଷ୍ଟକର

**ମୁମ୍ବାଇ, ୩୦।୪:** ହାପି ବାର୍ଥ ଡେ ହିଟ୍ ମ୍ୟାନ୍ ମାନେ ରୋହିତ ଶର୍ମା । କିଙ୍ଗ ଅଫ ପୁଲ୍ ସର୍ଟ ବା ଡାଡି ଅଫ ଡବଲ ହଣ୍ଡ୍ରେଡ୍ ଭାବେ ବେଶ୍ ପରିଚିତ ଟିମ୍ ଇଣ୍ଡିଆର ଅଧିନାୟକ ରୋ 'ହିଟ୍' ଶର୍ମା । ବୁଧବାର ମାନେ ଅପ୍ରେଲ୍ ୩୦ ତାରିଖ ଦିନ ୩୮ ବର୍ଷରେ ପାଦ ଥାପିଛନ୍ତି ରୋହିତ ଶର୍ମା । ଆଇପିଏଲ୍‌ରେ ରୋହିତ ଶର୍ମା ଏବେ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ୍ ପାଇଁ ଖେଳୁଛନ୍ତି । ଆସନ୍ତୁ ଜାଣିବା ରୋହିତ ଶର୍ମାଙ୍କ ୫ଟି ଏପରି ରେକର୍ଡ ବିଷୟରେ । ଯାହାକୁ କୌଣସି କ୍ରିକେଟ୍‌ର କିମ୍ବା ବ୍ୟାଟରଙ୍କ ପକ୍ଷେ ଭାଙ୍ଗିବା କଷ୍ଟକର...

ରୋହିତ ଶର୍ମା ଦିନିକିଆ କ୍ରିକେଟ୍ ଗୋଟିଏ କି ଦୁଇଟା ନୁହଁ । ବରଂ ତିନୋଟି ଦ୍ୱିଶତକ ମାରିଛନ୍ତି । ୨୦୧୩ରେ ପ୍ରଥମ ଦ୍ୱିଶତକ ମାରିଥିଲେ ପ୍ରଥମ ଦ୍ୱିଶତକ । ବାଙ୍ଗାଲୋରରେ ଅଷ୍ଟ୍ରେଲିଆ ବିପକ୍ଷ ୨୦୯ର ପାରି ଖେଳିଥିଲେ । ଏହି ଶତକ ମାରିବା ଏକ ବର୍ଷ ପରେ ରୋହିତ ଶର୍ମା ରଚିଲେ ଆଉ ଏକ ଇତିହାସ । ମାନେ ୨୦୧୪ ମସିହା ନଭେମ୍ବର ୧୩ ତାରିଖ ଦିନ ଶ୍ରୀଲଙ୍କା ବିରୋଧରେ ନିଜ କ୍ୟାରିୟର ୨ୟ ଦ୍ୱିଶତକ ହାସଲ କରିଥିଲେ । କୋଲକାତାର ଇଡେନ୍ ଗାର୍ଡେନ ଷ୍ଟାଡିୟମ୍‌ରେ ରୋହିତ ଶର୍ମା ଖେଳିଥିଲେ ୨୬୪ ରନ୍‌ର ପାରି । ଏହାର ୩ ବର୍ଷ ପରେ ରୋହିତ ଶର୍ମା ପୁଣି ଥରେ ମାରିଲେ ଆଉ ଏକ ଦ୍ୱିଶତକ ।୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ୨୦୮ ରନ୍‌ର ଖେଳିଥିଲେ ପାରି । ଏହି ଦ୍ୱିଶତକ କରିବା



ପରେ ରୋହିତ ଶର୍ମା ବିଶ୍ୱ କ୍ରିକେଟ୍‌ରେ ପ୍ରଥମ ଖେଳାଳି ସାଜିଲେ । ଯିଏ ତିନୋଟି ଦ୍ୱିଶତକ ହାସଲ କରିଛନ୍ତି । ଯାହାପରେ କ୍ରିକେଟ୍‌ଜଗତରେ ରୋହିତଙ୍କୁ ଡାଡି ଅଫ ଡବଲ୍ ହଣ୍ଡ୍ରେଡ୍ ଭାବେ ପରିଚିତ କରାଇଥିଲା ।

ରୋହିତ ଶର୍ମାଙ୍କ ଆଉ ଏକ ରେକର୍ଡ । ଦିନିକିଆ କ୍ରିକେଟ୍‌ରେ ବ୍ୟକ୍ତିଗତ ଭାବେ ସବୁଠୁ ଅଧିକା ସ୍କୋର ରୋହିତ ଶର୍ମାଙ୍କ ନାଁରେ ରହିଛି । ୧୩ ନଭେମ୍ବର ୨୦୧୪ରେ ରୋହିତ ଶର୍ମା ୧୭୩ ବଲ୍ ଖେଳି କରିଥିଲେ ୨୬୪ରନ୍ । ଯେଉଁଥିରେ ସାମିଲ ଥିଲା ୯ ଛକା ଏବଂ ୩୩ ଚୌକା । ଜବାବରେ ଶ୍ରୀଲଙ୍କା ଟିମ୍ ମାତ୍ର ୨୫୧ ରନ୍ କରିବାକୁ ସକ୍ଷମ ହୋଇଥିଲା ।

୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ରୋହିତ ଶର୍ମା ଖେଳିଥିବା ୨୬୪ ରନ୍ ପାରି । ଏଥିରେ ସାମିଲ ଥିଲା ୩୩ଟି ଚୌକା । ଯାହାକି ଏକ ବିଶ୍ୱ ରେକର୍ଡ । କ୍ରିକେଟ୍ ଇତିହାସରେ ଏହି ରେକର୍ଡ ଭାଙ୍ଗିବା ବହୁ କଷ୍ଟ । ପୂର୍ବରୁ ଏହି ରେକର୍ଡ ସଚିନ ତେନ୍ଦୁଲକର ଏବଂ ବିରେନ୍ଦ୍ର ସେହୱାଗଙ୍କ ନାଁରେ ରହିଛି । ଉଭୟ ଗୋଟିଏ ପାରିରେ ୨୫-୨୫ ଚୌକା ମାରିଛନ୍ତି ।

ରୋହିତ ଶର୍ମାଙ୍କ ନାଁରେ ରହିଛି ଆଉ ଏକ ରେକର୍ଡ । ଗୋଟିଏ ବିଶ୍ୱକପ୍‌ରେ ସବୁଠୁ ଅଧିକ ଶତକ ମାରିବାର ରେକର୍ଡ ହିଟମ୍ୟାନ୍‌ଙ୍କ ନାଁରେ ରହିଛି । ୨୦୧୯ ଦିନିକିଆ ବିଶ୍ୱକପ୍‌ରେ ରୋହିତ ଶର୍ମା ୫ଟି ଶତକ ମାରିଛନ୍ତି । ତାଙ୍କ ପଛକୁ ରହିଛନ୍ତି ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡିକକ୍ ଏବଂ କୁମାର ସାଙ୍ଗାକାର ରହିଛି । ଉଭୟ ବିଶ୍ୱକପ୍ ୪ଟି ଶତକ ମାରିଛନ୍ତି ।

ଅନ୍ତର୍ଜାତୀୟ କ୍ରିକେଟ୍‌ର ତିନୋଟି (ଟି-୨୦, ଦିନିକିଆ, ଟେଷ୍ଟ) ଫର୍ମାଟରେ ରୋହିତ ହିଟ୍ । ଏହାର ପ୍ରମାଣ ହେଉଛି କି ଅନ୍ତର୍ଜାତୀୟ କ୍ରିକେଟ୍ ରୋହିତଙ୍କ ନାଁରେ ୬୩୭ଟି ଛକା ରହିଛି । ତାଙ୍କ ନିକଟରେ ଆଉ କୌଣସି ଖେଳାଳି ନାହାନ୍ତି । ଏହାପରେ ୨ୟ ସ୍ଥାନରେ ରହିଛନ୍ତି କ୍ରିସ୍ ଗେଲ୍ । ସେ ୪୮୩ ମ୍ୟାଚ୍ ଖେଳି ୫୫୩ ଛକା ମାରିଛନ୍ତି ।

# ୧୨ତମ ଅଲ୍ ଓଡ଼ିଶା ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ୩୦।୪:** କେନ୍ଦ୍ରାପଡା ସହରସ୍ଥ ସାନମଙ୍ଗଳା ଗ୍ରୀସ୍ ପିଲ୍ଡ ଠାରେ ରାଜ୍ୟସ୍ତରୀୟ ୧୨ତମ ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଆଳି ଏକାଦଶ ମଡିଆଳର ନ୍ୟାସନାଲ କ୍ରିକେଟ୍ କ୍ଲବକୁ ହରାଇ ଅଲ୍ ଓଡିଶା ସୋନି ସାଗର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଟ୍ରଫି ହାସଲ କରିଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଫାଇନାଲ ମ୍ୟାଚରେ ଆଳି ଏକାଦଶ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୧୦୦ରନ କରିଥିଲା । ଜବାବରେ ନ୍ୟାସନାଲ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୭ ଓଭରରେ ୯୬ ରନ କରିଥିଲା । ଫଳରେ ଆଳି ଏକାଦଶ ୧୪ରନରେ ବିଜୟୀ ହୋଇଥିଲା । ଦେବାଶିଷ ପାଟ୍ଟଶାଣୀ ମ୍ୟାନ ଅଫ ମ୍ୟାଚ ହୋଇଥିଲେ । ସେହିପରି ଆକାଶଦିପ ପୃଷ୍ଟି ମ୍ୟାନ ଅଫ ଦି ସିରିଜ ହୋଇଛନ୍ତି । ଏହି ଟୁର୍ଣ୍ଣାମେଂଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୬ଟି ଟିମ୍ ଭାଗ ନେଇଥିଲେ । ଉଦ୍‌ଯାପନୀ ଦିବସରେ ଦୀପୁ ଏକାଦଶ କ୍ରିକେଟ୍ କ୍ଲବ, ମା' ତାରିଣୀ ସ୍ପୋର୍ଟିଂ, ପିପିଲିର ହିନ୍ଦ ସ୍ପୋର୍ଟିଂ, ଦକ୍ଷିଣ ଏକାଦଶ, ବାବା ଏକାଦଶ, ଗୋରଖନାଥ ଏକାଦଶ, କଟକର ଟିସିସି, ଆଳି ଏକାଦଶ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା ।

# ଗ୍ରୀଷ୍ମକାଳୀନ ଭାରୋତ୍ତଳନ ଶିବିର

**କେନ୍ଦ୍ରାପଡ଼ା, ୩୦।୪:** ରାଜ୍ୟ ସରକାରଙ୍କ କ୍ରୀଡା ଯୁବ ସେବା ବିଭାଗ ତରଫରୁ ଓ ଜିଲ୍ଲା ପ୍ରଶାସନ(କ୍ରୀଡା ବିଭାଗ) ସହାୟତାରେ କେନ୍ଦ୍ରାପଡାସ୍ଥିତ ଶ୍ୟାମଗୁଡିଆଠାରେ ଥିବା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଚଳିତ ମାସ ଏପ୍ରିଲ୍ ୧୫ ତାରିଖରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ଭାରୋତଳନ ଶିବିର ୨୯ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରର ଉଦ୍‌ଯାପନ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ବାଳକ ଓ ବାଳିକା ଯୋଗ ଦେଇଥିଲେ ।

# ବିବାହର ୧୮ ବର୍ଷ ପରେ ମେରି କମ୍‌ଙ୍କ ଛାଡ଼ପତ୍ର

**ନୂଆଦିଲ୍ଲୀ, ୩୦।୪:** ଅଲିମ୍ପିକ ପଦକ ବିଜେତା ବକ୍ସର ମେରି କମ୍ ବୁଧବାର ନିଜ ଛାଡ଼ପତ୍ର ଖବରକୁ ସ୍ପଷ୍ଟ କରିଛନ୍ତି । ସ୍ୱାମୀ କାରୁଙ୍ଗ୍ ଅନଲରଙ୍କ ଠାରୁ ଛାଡପତ୍ରକୁ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛନ୍ତି । ଏକ ବୟାନରେ ମେରି କମ୍ କହିଛନ୍ତି ଯେ

### ଅନ୍ୟ କାହା ସହ ସମ୍ପର୍କକୁ କଲେ ଖଣ୍ଡନ

୨୦୨୩ ଡିସେମ୍ବର ୨୦ରେ ପରସ୍ପରର ସହମତିରେ କମ୍ ପ୍ରଥା ଅନୁଯାୟୀ ଛାଡ଼ପତ୍ର ହୋଇଛି । ଦୁହେଁ ୨୦୦୫ ମସିହାରେ ବିବାହ କରିଥିଲେ । ମେରି କମଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଖବର ପ୍ରଚାର ହେବା ପରେ ସେ ଏହା ଉପରେ ମୁହଁ ଖୋଲିଛନ୍ତି । ଛାଡ଼ପତ୍ରର ପ୍ରାୟ ୧୬ ମାସ ପରେ ଏବେ ସେ ଏହା ଘୋଷଣା କରିଛନ୍ତି ।

କିଛି ଖବରରେ ଦାବି କରାଯାଇଥିଲା ଯେ ମେରି କମ୍‌ଙ୍କ ସମ୍ପର୍କ ତାଙ୍କ ବିଜନେସ୍



ପାର୍ଟନର ହିତେଶ ଚୌଧୁରୀଙ୍କ ସହ ରହିଛି । ମେରି କମ୍ ଫାଉଣ୍ଡେସନର ଅଧକ୍ଷ ଅଛନ୍ତି ହିତେଶ । ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ମେରି କମ୍ ଏକ ଆଇନଗତ ନୋଟିସକୁ ସେୟାର କରିଛନ୍ତି । ନୋଟିସରେ ସ୍ପଷ୍ଟ କରାଯାଇଛି ଯେ ତାଙ୍କ ଛାଡ଼ପତ୍ର ସୌହାର୍ଦ୍ଦପୂର୍ଣ୍ଣ ଭାବେ ଅନେକ ମାସ ପୂର୍ବରୁ ହୋଇସାରିଛି ଓ ଏବେ ସେ ଏଥିରୁ ଆଗରୁ ବଢ଼ିସାରିଛନ୍ତି । ସେ ନିଜ ପୂର୍ବ ବିବାହ ଉପରେ କୌଣସି ଟିପ୍ପଣୀ କରିବାକୁ ଚାହୁଁନାହାନ୍ତି ।

ବୟାନ ଅନୁସାରେ ହିତେଶ ଚୌଧୁରୀ କିମ୍ବା ଅନ୍ୟ କାହା ସହ ସମ୍ପର୍କରେ ଥିବା ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଛ । ଏଥିରେ ସେ ଗୋପନୀୟତାର ସମ୍ମାନ କରିବା ଓ ଭୁଲ ସୂଚନା ପ୍ରଚାରଠାରୁ ଦୂରେଇ ରହିବା ପାଇଁ ଅନୁରୋଧ କରିଛନ୍ତି । ଏହାସହ ସେ ଚେତାବନୀ ଦେଇଛନ୍ତି ଯେ ଯଦି ନିର୍ଦ୍ଦେଶର ପାଳନ ନକରାଯାଏ ତେବେ ମାନହାନି ଓ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମନା କରିବାକୁ ପାଡ଼ିପାରେ ।

ମେରି କମ୍ ଏହା ବି କହିଛନ୍ତି ଯେ ଗତ ଦୁଇ ବର୍ଷ ତାଙ୍କ ବ୍ୟକ୍ତିଗତ ଜୀବନ କଠିନ ରହିଛି । ନିଜ ପ୍ରଶଂସକ, ବନ୍ଧୁ ଓ ଲୋକଙ୍କୁ ଏସବୁ ଆଲୋଚନାଠାରୁ ଦୂରେଇ ରହିବା ପାଇଁ ଅପିଲ୍ କରିଛନ୍ତି । ୨୦୧୨ ମସିହାରେ ମେରି କମ୍ ଲଣ୍ଡନ ଅଲିମ୍ପିକରେ ବ୍ରୋଞ୍ଜ ପଦକ ଜିତିଥିଲେ । ଏହା ବ୍ୟତୀତ ୪୨ ବର୍ଷିୟ ବକ୍ସର ୱାର୍ଲ୍ଡ ଚାମ୍ପିଅନଶିପରେ ୬ଟି ସ୍ୱର୍ଣ୍ଣ ସମେତ ୮ ପଦକ ଜିତିଛନ୍ତି । ୱାର୍ଲଡ ଚାମ୍ପିଅନଶିପରେ ୬ ସ୍ୱର୍ଣ୍ଣ ଜିତିବାରେ ସେ ଦୁନିଆର ଏକ ମାତ୍ର ମହିଳା ବକ୍ସର । ୨୦୦୬ରେ ପଦ୍ମଶ୍ରୀ, ୨୦୧୩ରେ ପଦ୍ମ ଭୂଷଣ ଓ ୨୦୨୦ରେ ପଦ୍ମ ବିଭୂଷଣରେ ମେରି କମ୍ ସମ୍ମାନିତ ହୋଇସାରିଛନ୍ତି ।

# ଆଫ୍ରିଦିଙ୍କ ଉପରେ ଭାରତ ସରକାରଙ୍କ 'ଆକ୍ସନ'

**ନୂଆଦିଲ୍ଲୀ, ୩୦।୪ :** ପହଲଗାମ ଆତଙ୍କୀ ଆକ୍ରମଣ ଉପରେ କଟୁ ମନ୍ତବ୍ୟ ଦେବା ଶାହିଦ ଆଫ୍ରିଦଙ୍କୁ ପଡ଼ିଲା ମହଙ୍ଗା । ଶାହିଦଙ୍କ ୟୁଟ୍ୟୁବ ଚ୍ୟାନେଲ ଭାରତରେ ବ୍ୟାନ୍ କରାଯାଇଛି । ଏବେ ଭାରତରେ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦଙ୍କ ୟୁଟ୍ୟୁବ ଚ୍ୟାନେଲ ଦେଖିପାରିବେ ନାହିଁ । ଏହା ପୂର୍ବରୁ ଭାରତ ସରକାର ଅନ୍ୟ ପାକିସ୍ତାନ କ୍ରିକେଟ୍ସଙ୍କ ବିପକ୍ଷରେ ବି ଆକ୍ସନ ନେଇ ସାରିଛନ୍ତି ।

ସୂଚନା ଅନୁସାରେ ଶାହିଦ ଆଫ୍ରିଦଙ୍କ ପୂର୍ବରୁ ଶୋଏବ ଅଖତର, ରଶିଦ ଲତିଫ ଏବଂ ତନବୀର ଅହମଦଙ୍କ ଭଳି ଭେଟରାନ କ୍ରିକେଟରଙ୍କ ୟୁଟ୍ୟୁବ ଚ୍ୟାନେଲ ଭାରତରେ ବ୍ୟାନ କରାଯାଇସାରିଛି । ଭରତ ସରକାର ଏହି ଆକ୍ସନ ପହଲଗାମ ଆତଙ୍କୀ ଆକ୍ରମଣ ପରେ ନେଇଛନ୍ତି ।

ଜମ୍ମୁ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣକୁ ନେଇ ଶାହିଦ ଆଫ୍ରିଦ କଟୁ ମନ୍ତବ୍ୟ ଦେଇଥିଲେ । ଆଫ୍ରିଦ କହିଥିଲେ କି ମୁଁ ଏହି କଥାରେ ବିଶ୍ୱାସ କରୁଛି କି ଏହି ମୁଦ୍ଦା ଉପରେ ରାଜନୀତି ହେବା ଆବଶ୍ୟକ ନୁହେଁ ।



ଯେଭଳି ଭାରତରେ ଆକ୍ରମଣ ହେଲା ସିଧା ସଳଖ ପାକିସ୍ତାନର ନାଁ ନିଆଗଲା । ଯାହାକି ଭାରତକୁ ସଠିକ୍ ତଥ୍ୟ ସହ ସାମ୍ନାକୁ ଆସିବା ଆବଶ୍ୟକ ଏବଂ ସେତେବେଳେ ବିଶ୍ୱକୁ କହିବା ଆବଶ୍ୟକ । କୌଣସି ଧର୍ମ ଆତଙ୍କବାଦକୁ ସମର୍ଥନ କରେ ନାହିଁ ।

ସେ ଆଗକୁ ମଧ୍ୟ କହିଥିଲେ କି ଭାରତରେ ଯାହା ହେଲା ତାହା ବହୁତ ଅଫସୋସର କଥା । ପାକିସ୍ତାନରେ ବି ଯାହା ହେଉଛି ତାହା ବି ଅଫସୋସର କଥା, ଏଭଳି ନ ହେବା ଆବଶ୍ୟକ । ମୁଁ ବୁଝୁଛି କି ପଡ଼ୋଶୀ ଦେଶକୁ ପରସ୍ପର ଭଲ ଭାବେ ରହିବା ଆବଶ୍ୟକ ଏବଂ ଲଢେଇ – ଝଗଡ଼ାରୁ ବର୍ତ୍ତି ରହିବା ଆବଶ୍ୟକ ଅଟେ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar